

-ନୈତିକତା ଦୃଷ୍ଟିରୁ ଯାହା ଭୁଲ, ରାଜନୀତି ଦୃଷ୍ଟିରୁ ତାହା କଦାପି ଠିକ୍ ହୋଇ ନ ପାରେ।
-ଡାନିଏଲ୍ ବ୍ରାଏନ୍



## ସଂକ୍ଷେପରେ



### ଜାତୀୟ ପ୍ରଦୂଷଣ ନିରାକରଣ ଦିବସ

ଦାମନଯୋଡ଼ି, ୩।୧୨ (ଡି.ଏନ୍.ଏ.)- ନାଲ୍‌କୋ ଆଲୁମିନା ରିଫାଇନାରୀ ପ୍ଲାଣ୍ଟର ସୁରକ୍ଷା ଓ ପରିବେଶ ବିଭାଗ ଦ୍ୱାରା ଜାତୀୟ ପ୍ରଦୂଷଣ ନିରାକରଣ ଦିବସ ପାଳନ ଅବସରରେ ଏକ କର୍ମଶାଳାର ଆୟୋଜନ କରାଯାଇଛି। ନାଲ୍‌କୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦିଲୀପ କୁମାର ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଜି.ଏମ୍. (ଏ.ଆର.) ରବି ଶଙ୍କର ଦାଶ ଓ ଜିଏମ୍ (ଏଚ୍ ଆଣ୍ଡ ଏ) ରାଜୀବ କୁମାର ମିଶ୍ର ସମ୍ମାନିତ ଅତିଥି ରୂପେ ଯୋଗଦେଇ 'ପ୍ରଦୂଷଣ ନିରାକରଣ ଦିଗରେ ଶିଳ୍ପର ଭୂମିକା' ସମ୍ବନ୍ଧରେ ଆଲୋଚନା କରିଥିଲେ। ଜି.ଏମ୍. (ଏସ୍‌ପିପି) ରାମଚନ୍ଦ୍ର ତ୍ରିପାଠୀ, ଜି.ଏମ୍. (ଅର୍ଥ) ରମେଶ ଚନ୍ଦ୍ର ଯୋଶୀ, ଜିଏମ୍ (ପ୍ରୋଜେକ୍ଟ) ସୁଶୀଲ କୁମାର ପାଢ଼ୀଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଦିଲ୍ଲୀ ପବ୍ଲିକ ସ୍କୁଲ ଓ ସରସ୍ୱତୀ ବିଦ୍ୟାମନ୍ଦିର ଛାତ୍ରୀଛାତ୍ରମାନେ ପ୍ଲାଷ୍ଟିକ ପ୍ରଦୂଷଣର ବିଭିନ୍ନ ଦିଗ ଉପରେ ଉପସ୍ଥାପନା କରିଥିଲେ। ସୁରକ୍ଷା ଓ ପରିବେଶ ବିଭାଗର ମୁଖ୍ୟ ଅଶୋକ କୁମାର ସ୍ୱାଗତ ଭାଷଣ ଦେଇଥିବା ବେଳେ ପରିବେଶ ବିଭାଗର ପ୍ରବନ୍ଧକ ଡକ୍ଟର ପ୍ରଦୀପ କୁମାର ପଟ୍ଟଯୋଶୀ, ନାଲ୍‌କୋ ସୁରକ୍ଷା ବିଭାଗର ମୁରଲୀଧର ଦାସ ଓ ଏମ୍. ମାର୍କଣ୍ଡାଇଲୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଉଦ୍ୟୋଗୀ ତାଲିମ ଶିବିର

ସୁନାବେଡା, ୩।୧୨: ଜିଲା ଶିଳ୍ପକେନ୍ଦ୍ର ଜୟପୁର ଦ୍ୱାରା ସେମିଳିଗୁଡା ଦାମନଯୋଡ଼ି ଛକସ୍ଥିତ ଆଇଟିଆଇ ତାଲିମ କେନ୍ଦ୍ରରେ ବାରଦିନିଆ ତାଲିମ ଶିବିର ଆୟୋଜିତ ହୋଇଛି। ଉଦ୍ୟୋଗ ପ୍ରତିଷ୍ଠା କରି ନିଜେ ସ୍ୱାବଲମ୍ବୀ ହେବା ସହ ଅନ୍ୟମାନଙ୍କ ପାଇଁ ନିଯୁକ୍ତି ସୁଯୋଗ କିପରି ସୃଷ୍ଟି କରାଯାଏ ସେ ନେଇ ଯୁବଗୋଷ୍ଠୀଙ୍କୁ ତାଲିମ ଦିଆଯାଉଛି। ଶେଷ ଦିନରେ ଜିଲା ଶିଳ୍ପକେନ୍ଦ୍ର ପରିଚାଳକ ୟୁ.ସି. ତ୍ରିପାଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁରଲୀଧର ମିଶ୍ର ମୁଖ୍ୟଅତିଥି, ଆଇଟିଆଇ ପ୍ରଶାସକ ନବଘନ ମହାନ୍ତି ଓ ସ୍ଥାନୀୟ ସାମାଜିକ କର୍ମୀ ପ୍ରୀତମ ପାଢ଼ୀ ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ। ଆଇପିଓ ଜୟପୁର ପ୍ରତୀଶ କୁମାର ବେହେରା ଏବଂ ସେମିଳିଗୁଡା ଆଇପିଓ ପ୍ରିୟଜିତ୍ ସାହି ତାଲିମ ପ୍ରଦାନ କରିଥିଲେ। ଏଥିରେ ୩୨ ଜଣ ଯୁବତୀ ଯୁବକଙ୍କୁ ବିଭିନ୍ନ ପ୍ରକଳ୍ପ ବିଷୟରେ ତାଲିମ ଦିଆଯାଇଛି।

### ଶିବଶକ୍ତି ବଣିକ ସଂଘ କର୍ମକର୍ତ୍ତା ଚୟନ



ସେମିଳିଗୁଡ଼ା, ୩।୧୨(ସ୍ୱ.ପ୍ର.): କୋରାପୁଟ ଜିଲା ସେମିଳିଗୁଡ଼ା ସହରସ୍ଥିତ ଶିବଶକ୍ତି ବଣିକ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ପୌର ପରିଷଦ ଅଧକ୍ଷା ଶୁଭଶ୍ରୀ ମଲ୍ଲିକ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସଂଘର ପୂର୍ବତନ ସଭାପତି ଅମିତ ଅଗ୍ରୱାଲ ଓ ଉପସଭାପତି ବାସୁଦେବ ବରାଡ଼ ପଦ ଛାଡିବା ପରେ ନୂତନ କର୍ମକର୍ତ୍ତା ଚୟନ ପାଇଁ ବୈଠକ ହୋଇଥିଲା। ରାଜେନ୍ଦ୍ର କୁମାର ପାତ୍ର ସଭାପତି, ମାନସ ରାଉତ, ଇନ୍ଦ୍ରମଣି ନାୟକ, ଉପେନ୍ଦ୍ର ମହାନ୍ତି ଉପସଭାପତି, ମନ୍ମଥ ସାହୁ ସାଧାରଣ ସମ୍ପାଦକ, ଆଦିତ୍ୟ ଅଗ୍ରୱାଲ, ସନ୍ତୋଷ ପାତ୍ର ଯୁଗ୍ମ ସମ୍ପାଦକ, ଗୋବର୍ଦ୍ଧନ ଜେନା କୋଷାଧକ୍ଷ, ଏମ୍‌କେ ରମେଶଙ୍କୁ ସଙ୍ଗଠନ ସମ୍ପାଦକଭାବେ ମନୋନୀତ କରାଯାଇଛି। ଅଜୟ ସାହୁ ମାର୍କେଟ ବିଷୟରେ ନୂତନ କର୍ମକର୍ତ୍ତାଙ୍କୁ ବୁଝାଇ ଥିଲେ।

### ଏଡ୍‌ସ ସଚେତନତା ଶିବିର

ଚାନ୍ଦିଲି(କୋଟପାଡ଼), ୩।୧୨(ଡି.ଏନ୍.ଏ.): କୋଟପାଡ଼ ତାଲୁକ ଆଇନ ସହାୟତା ସମିତି ପକ୍ଷରୁ କୋଟପାଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଶ୍ୱ ଏଡ୍‌ସ ଦିବସ ଅବସରରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସମିତି ଅଧକ୍ଷ ତଥା କୋଟପାଡ଼ ଜେଏମ୍‌ଏଫ୍‌ସି ଡକ୍ଟର ନିଶାକର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସାରଥୀ ପ୍ରସାଦ ମୁନି, ଓକିଲ ସଂଘ ସଭାପତି ମଣି ପ୍ରସାଦ ପଟ୍ଟନାୟକ, ଉପସଭାପତି ରାଜେନ୍ଦ୍ର ପ୍ରସାଦ ନାୟକ, ଥାନାଧିକାରୀ ସମର୍ପିତା ସ୍ୱାଇଁ ,କିଶୋର ଚନ୍ଦ୍ର ମିଶ୍ର, ବିଦ୍ୟୁତଲତା ମୁଦୁଲି, ଦୁର୍ଗା ପ୍ରସନ୍ନ ସାହୁ ଉପସ୍ଥିତ ଥିଲେ। କାହ୍ନୁ ଚରଣ ନାୟକ, ଆଶିଷ ବାରିକ, ଦେବେନ୍ଦ୍ର ନାୟକ, ତାରାକାନ୍ତ ପାଣିଗ୍ରାହୀ, କମଳାକାନ୍ତ ବେହେରା ଓ ବନବାସୀ ଭତରା ଉପସ୍ଥିତଥିଲେ।

■ ଓକିଲ ସଂଘ ବୈଠକରେ ନିଷ୍ପତ୍ତି

# ଆଜିଠୁ ୧୫ ଦିନ କୋର୍ଟ ବର୍ଜନ

ଜୟପୁର ୩।୧୨(ନି.ପ୍ର./ଡି.ଏନ୍.ଏ.)

ଅବିଭକ୍ତ କୋରାପୁଟ ଜିଲାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ନେଇ ଦୀର୍ଘ ଦିନ ହେବ ଆନ୍ଦୋଳନ ହୋଇଆସୁଛି। ଏହି ଦାବି ପୂରଣ ପାଇଁ ଜିଲା ଓକିଲ ସଂଘ ଚରମ ପଦକ୍ଷେପ ନେଇଛି। ସୋମବାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଜୟପୁର ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଛି। ବୈଠକରେ ମଙ୍ଗଳବାର ଅର୍ଥାତ୍ ୪ରୁ ୧୮ ତାରିଖ ପର୍ଯ୍ୟନ୍ତ ଓକିଲମାନେ କୋର୍ଟ ବର୍ଜନ କରିବାକୁ ନିଷ୍ପତ୍ତି ହୋଇଛି । ଜୟପୁରରେ ଥିବା ୧୫ରୁ ଅଧିକ କୋର୍ଟ କାର୍ଯ୍ୟ ବନ୍ଦ ରଖି ଓକିଲମାନେ ଧାରଣାରେ ବସିବାକୁ ସ୍ଥିର ହୋଇଛି। ଏହାସହ ୧୮ ତାରିଖରେ ଜୟପୁର ବନ୍ଦ କରିବାକୁ ମଧ୍ୟ ନିଷ୍ପତ୍ତି ନିଆଯାଇଛି। ଦୋକାନ, ବଜାର , ଚକ, ଅଖ , ସ୍କୁଲ, କଲେଜ ବନ୍ଦ ରହିବ ବୋଲି ସଂଘ ତରଫରୁ ସୂଚନା ଦିଆଯାଇଛି। ଏହି ଦାବି ନେଇ ଓକିଲମାନେ ସବୁ ମାସର ଶେଷ ୨ ଦିନ କୋର୍ଟ ବର୍ଜନ କରି ଧାରଣାରେ ବସୁଥିବାବେଳେ ସରକାର ଦାବି ପ୍ରତି ଗୁରୁତ୍ୱ ଦେଉ ନ ଥିବାରୁ ଏପରି ପଦକ୍ଷେପ ନିଆଯାଇଛି । ଓକିଲମାନଙ୍କ ଦାବିକୁ ନେଇ ରାଜ୍ୟ ସରକାର ପାଲ୍ କମିଶନ ଗଠନ କରିଥିଲେ । ଯଶୱନ୍ତ ସିଂଙ୍କ ରିପୋର୍ଟ ଅନୁସାରେ ଜୟପୁରଠାରେ ହାଇକୋର୍ଟ ବେଞ୍ଚ ପାଇଁ ସବୁ ସର୍ତ୍ତ ପୂରଣ ହୋଇପାରୁଥିବା କୁହାଯାଇଛି। ହାଇକୋର୍ଟ ବେଞ୍ଚ ପାଇଁ ଯାହା ଭିତ୍ତିଭୂମି ଦରକାର ତାହା ସବୁ ଏଠାରେ ରହିଥିବା ବେଳେ ତୁରନ୍ତ ରାଜ୍ୟ ସରକାର ଏଠାରେ ବେଞ୍ଚ ପ୍ରତିଷ୍ଠା କରିବା ପାଇଁ କେନ୍ଦ୍ରକୁ ସୁପାରିସ୍ କରନ୍ତୁ ବୋଲି ସଂଘ ଦାବି କରିଛି । ସଂଘ ସଭାପତି ବୀରେଶ ପଟ୍ଟନାୟକ ସୂଚନା ଦେଇଛନ୍ତି ଯେ, ଓଡ଼ିଶାର ଯଦି କେଉଁଠି ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ପାଇଁ ଅନୁକୂଳ ତାହା ହେଉଛି ଜୟପୁର ସହର, କାରଣ ଜୟପୁର ସହର ହାଇକୋର୍ଟଠାରୁ ୬ ଶହ କି.ମି. ଦୂରରେ ରହିଥିବାବେଳେ ଟ୍ରେନ୍ ତ ଦୂରର କଥା ସିଧାସଳଖ ବସ୍‌ରେ ଆଖିଦୃଶିଆ ଯୋଗାଯୋଗ ବ୍ୟବସ୍ଥା ନାହିଁ । ତେଣୁ ଯାହାର କୁଫଳ ଦୀର୍ଘ ବର୍ଷ ହେବ ଅବିଭକ୍ତ କୋରାପୁଟ ଜିଲାର ଜନସାଧାରଣ ଭୋଗି ଆସୁଛନ୍ତି । ବିଶେଷ କରି ଅଜ୍ଞତା ହେତୁ ଏ ଅଞ୍ଚଳର ବହୁ ଆଦିବାସୀ ଓ ହରିଜନ ଶ୍ରେଣୀ ଲୋକମାନେ ହାଇକୋର୍ଟରେ ମାମଲା ନ ଲଢ଼ିପାରି ନିଜ ଅଧିକାର ହରାଇ ବସୁଛନ୍ତି। ଓଡ଼ିଶାର ଯେଉଁ ସବୁ ସହର ଗୁଡ଼ିକରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ନେଇ ଦାବି ହୋଇ ଆସୁଛି ସେଗୁଡ଼ିକ କଟକଠାରୁ ଜୟପୁର ଅପେକ୍ଷା ନିକଟତର। ତେଣୁ ରାଜ୍ୟ ସରକାର ଏହି ପଛୁଆ, ମାଓପ୍ରବଣ, ଗମନାଗମନ କ୍ଷେତ୍ରରେ ଅବହେଳିତ ଏବଂ ସାକ୍ଷରତା ଦୃଷ୍ଟିରୁ ପଛରେ ରହିଥିବା ଅଞ୍ଚଳକୁ ପ୍ରାଧାନ୍ୟ ଦେଇ ଜୟପୁରଠାରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ନିଆଯାଉ ବୋଲି ସଂଘ ଦାବି କରିଛି। ଗତ ଦିନରେ ଓକିଲ ସଂଘ ଏହି ଦାବି ନେଇ ଧାରଣା ଦେଇଥିବାବେଳେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ସମର୍ଥନ ଜଣାଇ ଜିଲା ବନ୍ଦ କରିବାକୁ ଧମକ ଦେଇଥିଲେ। ଆଜିର ବୈଠକରେ ରବିନ୍ଦ୍ର କୁମାର ପାତ୍ର, ଗିରିଧର ଖରା, ହରିଶ ମୁଦୁଲି, ସରତ ମାଝୀ, କୋଷାଧକ୍ଷ ହରିଶ ମୁଦୁଲି, ଶେଷାନନ୍ଦ ମିଶ୍ର, ପ୍ରଭାକର ପଟ୍ଟନାୟକ, ବିଷ୍ଣୁ ପ୍ରସାଦ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ଆଇନଜୀବୀମାନେ।

■ ହାଇକୋର୍ଟ ବେଞ୍ଚ୍ ପ୍ରତିଷ୍ଠା ଦାବି ଜୋର ଧରିଲା

■ ୧୮ରେ ଜୟପୁର ବନ୍ଦ ନେଇ ନିଷ୍ପତ୍ତି

# ଅଜଣା ରୋଗରେ ପୀଡ଼ିତା ଶୁଭଦ୍ରା

ଲମତାପୁଟ, ୩।୧୨(ଡି.ଏନ୍.ଏ.)

## ଚିକିତ୍ସାରେ ଅର୍ଥ ବାଧକ

ଲମତାପୁଟ ବ୍ଲକ୍ ଅନ୍ତର୍ଗତ ଆଦିବାସୀ ବହୁଳ ତଥା ପାହାଡ଼ିଆ ଅଞ୍ଚଳ ଦାବିଗଡ଼ ପଞ୍ଚାୟତ ଜୟନ୍ତିଗିରି ଗ୍ରାମର ମିଶ୍ର ଶୁକ୍ରଙ୍କ ୧୨ ବର୍ଷର ଝିଅ ଶୁଭଦ୍ରା। ସେ ତୃତୀୟ ଶ୍ରେଣୀରେ ପଢୁଛନ୍ତି। ଜନ୍ମରୁ ତାଙ୍କ ଦେହ ଏବଂ ମୁହଁର ଚାରିଆଡେ ଘା' ଓ କଳାଦାଗ ରହିଛି। ଆଖିକୁ ଭଲରେ ଦେଖାଯାଉନି। ସ୍କୁଲ ଗଲେ ସହପାଠୀମାନେ ଚିଡ଼ାଉ ଥିବାରୁ ତାଙ୍କ ମାନସିକ ମଧ୍ୟ ଭଲ ରହୁନାହିଁ। ଏହାକୁ ନେଇ ମା'ବାପା ଚିନ୍ତାରେ । ଶୁଭଦ୍ରାଙ୍କୁ ଲମତାପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ,କୋରାପୁଟ ଶହୀଦ୍ ଲକ୍ଷ୍ମଣ ନାୟକ ମେଡିକାଲ ଏବଂ ପରେ କଟକ ବଡ଼ ମେଡିକାଲରେ ଚିକିତ୍ସା କରାଯାଇଛି। କିନ୍ତୁ ଏହି ରୋଗ ଭଲ ହେଉନାହିଁ ବୋଲି ବାପା ମିଶ୍ର ଶୁକ୍ର କହିଛନ୍ତି। ଗରିବ ପରିବାର ହେତୁ ଅଧିକ ଚିକିତ୍ସା ପାଇଁ ଅର୍ଥ ବାଧକ ସାଜୁଛି। ସରକାର ଆର୍ଥିକ ସହାୟତା ଦେଲେ ଝିଅର ରୋଗ ଭଲ ହୋଇପାରନ୍ତା ବୋଲି ମା' ପଦ୍ମା କହିଛନ୍ତି। ସରକାରଙ୍କ ବିଭିନ୍ନ ଜନ କଲ୍ୟାଣ ଯୋଜନାରେ ତାଙ୍କ ଝିଅ ପାଇଁ ଆର୍ଥିକ ସହାୟତା ଯୋଗାଇଦେବାକୁ ବାପା ଶୁକ୍ର ମଧ୍ୟ ନିବେଦନ କରିଛନ୍ତି।



# ଏଡିଏମ୍‌ଙ୍କ ଅଧକ୍ଷତାରେ ୭୪ ଅଭିଯୋଗର ଶୁଣାଣି



ଅଭିଯୋଗ ଶୁଣାଣିରେ ଅତିରିକ୍ତ ଜିଲାପାଳ ଓ ଅନ୍ୟମାନେ ।

କୋରାପୁଟ,୩।୧୨(ସ୍ୱ.ପ୍ର)

କୋରାପୁଟସ୍ଥିତ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ସଦଭାବନା ସଭା ଗୃହରେ ସୋମବାର ଜିଲାସ୍ତରୀୟ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । କୋରାପୁଟ ଜିଲାପାଳଙ୍କ ଅନୁପସ୍ଥିତରେ ଏହି ଅଭିଯୋଗ ଶୁଣାଣିରେ ଅତିରିକ୍ତ ଜିଲାପାଳ ଦେବେନ ପ୍ରଧାନଙ୍କ ଅଧକ୍ଷତାରେ ଜିଲାର ୧୪ଟି ବ୍ଲକ୍‌ର ୪ ଟି ପୌରାଞ୍ଚଳରୁ ଆସିଥିବା ୭୪ ଅଭିଯୋଗର ଶୁଣାଣି ହୋଇଛି। ବିଶେଷ କରି ଜଙ୍ଗଲ ଜମି ପଟ୍ଟା, ଭିନ୍ନକ୍ଷମଙ୍କୁ ସହାୟତା, ଇନ୍ଦିରା ଆବାସ ପ୍ରଦାନ, ଗ୍ରାମୀଣ ଆବାସ ଯୋଜନାରେ ଘର ଦେବା, ରାସ୍ତା ସମସ୍ୟା, ପାନୀୟଜଳ ସମସ୍ୟା ଆଦି ବିଭିନ୍ନ ବ୍ୟକ୍ତି ଓ ଗୋଷ୍ଠୀ ଭିତ୍ତିକ ଅଭିଯୋଗର ଶୁଣାଣି କରାଯାଇଛି। ଏଥିରେ ଉପଜିଲାପାଳ ଲଳିତ କୁମାର କହଁର, କୋରାପୁଟ ଜିଲା ଜଳବିଭାଜିକା ମିଶନ ପ୍ରକଳ୍ପ ନିର୍ଦ୍ଦେଶକ ଭବାନି ଶଙ୍କର କାଲୋଙ୍କ ସମେତ ଜିଲାର ସମସ୍ତ ବିଭାଗୀୟ ଅଧିକାରୀ, ପୋଲିସ ଅଧିକାରୀ ଓ ଜିଲାସ୍ତରୀୟ ବିଭିନ୍ନ ବିଭାଗର ନିର୍ବାହୀଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଇଭିଏମ୍‌ରେ ମତଦାନ ଶିଖିଲେ ଦିବ୍ୟାଙ୍ଗ

କୋରାପୁଟ/ଜୟପୁର/ଦଶମନ୍ତପୁର/ ଲକ୍ଷ୍ମୀପୁର,୩।୧୨(ସ୍ୱ.ପ୍ର./ଡି.ଏନ.ଏ)

କୋରାପୁଟସ୍ଥିତ ରାଜୀବ ଗାନ୍ଧୀ ସେବା କେନ୍ଦ୍ରରେ ସୋମବାର ଇଭିଏମରେ ଦିବ୍ୟାଙ୍ଗମାନେ କିପରି ମତଦାନ କରିବେ ସେ ନେଇ ସେମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି । କୋରାପୁଟ ବିଡିଓ ନରେନ୍ଦ୍ର ନାୟକ, ସହକାରୀ ଜିଲାପାଳ ଆଲୋକ କୁମାର ଅନୁଗୁଳିଆ, ବ୍ଲକ ଅଧକ୍ଷା ନମିତା ମାଝି, ବ୍ଲକ ପିଇଓ ପ୍ରମୁଖ ଯୋଗଦେଇ ଆସନ୍ତା ନିର୍ବାଚନରେ ଜିଲାରେ ଥିବା ଦିବ୍ୟାଙ୍ଗମାନେ କିପରି ଇଭିଏମରେ ମତଦାନ କରିପାରିବେ ସେମାନଙ୍କୁ ବୁଝାଇଥିଲେ।

କୋରାପୁଟ ଜିଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ସ୍ଥାନୀୟ ଟାଉନହଲଠାରେ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ପାଳିତ ହୋଇଛି । କୋରାପୁଟ ଜିଲା ପରିଷଦ ଅଧକ୍ଷ ପ୍ରଭୁ ଜାନି , ଜିଲା ସମାଜ ମଙ୍ଗଳ ଅଧିକାରୀ ଏସ୍ ମହାପାତ୍ର ଭିନ୍ନକ୍ଷମମାନଙ୍କୁ ସାମାଜିକ ନ୍ୟାୟ ପ୍ରଦାନ କରିବାରେ ରାଜ୍ୟ ସରକାରଙ୍କର କେଉଁ କେଉଁ ଯୋଜନା ରହିଛି ସେ ସମ୍ପର୍କରେ ଆଲୋକପାତ କରିଛନ୍ତି। ମୁଖ୍ୟ ଅତିଥି ଜିଲାର ମାନସ ବିଦ୍ୟାଳୟର ୫ ଜଣ, ଜିଲା ଦୃଷ୍ଟିହୀନ ବିଦ୍ୟାଳୟର ୮ ଜଣ ଓ ସୁନାବେଡା ଜିଲା ବଧିର ବିଦ୍ୟାଳୟର ୭ ଜଣ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରିଛନ୍ତି। ସେହିପରି କୋରାପୁଟ ଜିଲାର ଦୁଇ ଜଣ ଆନ୍ତର୍ଜାତିକ ଦୃଷ୍ଟିହୀନ କ୍ରିକେଟିଅର ସୁଖାରାମ ମାଝି ଓ ନକୁଳ ବଡ଼ନାୟକଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଛନ୍ତି। ଉଦ୍‌ଯାପନୀ ଉତ୍ସବରେ ଏଡିଏମ୍ ଦେବେନ ପ୍ରଧାନ, ସହକାରୀ ଜିଲାପାଳ ଆଲୋକ କୁମାର ଅନୁଗୁଳିଆ ଅତିଥିଭାବେ ଯୋଗଦେଇ କ୍ରିକେଟ, ସଙ୍ଗୀତ, ସର୍ଟପୁଟ, ଚୁଟି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଛନ୍ତି। ସେହିପରି ଜୟପୁର ସହର ବ୍ଲକ କାର୍ଯ୍ୟାଳୟରେ ବିଡିଓ ସୁରଜ ପଟ୍ଟନାୟକଙ୍କ ଅଧକ୍ଷତାରେ ଭିନ୍ନକ୍ଷମ ଦିବସ ପାଳନ ଅବସରରେ ଦିବ୍ୟାଙ୍ଗମାନଙ୍କୁ ଇଭିଏମ୍ ସମ୍ପର୍କରେ ସଚେତନତା ଏବଂ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ୫୦ରୁ ଉର୍ଦ୍ଧ୍ୱ ଦିବ୍ୟାଙ୍ଗମାନେ ଯୋଗଦେଇଥିଲେ। ଏଥିରେ ପଞ୍ଚାୟତ ଅଧିକାରୀ ଗୌରାଙ୍ଗ ରଥ, ଉମୁରୀ ସରପଞ୍ଚ ବୈଦ୍ୟନାଥ ନାୟକ ଏବଂ ପିଇଓ ବାବାଜୀ ପାଣିଗ୍ରାହୀ ଉପସ୍ଥିତ ଥିଲେ । ସେହିପରି ଭିନ୍ନକ୍ଷମ ସଂଘ ପକ୍ଷରୁ ସ୍ଥାନୀୟ ସରୋଜିନୀ ଭବନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଧାୟକ ତାରା ପ୍ରସାଦ ବାହିନୀପତି ଯୋଗଦେଇ ଥିଲେ ।

ଦଶମନ୍ତପୁର ବ୍ଲକସ୍ଥିତ ସାଇରାମ କଲ୍ୟାଣୀ ମଣ୍ଡପଠାରେ ହେଲ୍‌ପ ଏ ଚାଇଲ୍ଡ ଅଫ୍ ଇଣ୍ଡିଆ ଏବଂ ଶିଶୁ ବିକାଶ ପ୍ରକଳ୍ପ ସହଯୋଗରେ ବିଶ୍ୱ ଭିନ୍ନକ୍ଷମ ଦିବସ ପାଳିତ ହୋଇଛି। ଏଥିରେ ଶିଶୁ ବିକାଶ ସଂଯୋଜକ ଡଣ୍ଟନ ରାଉଳଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଲେପ୍ରା ସୋସାଇଟି ଜିଲା ସଂଯୋଜକ ଆପଲ ନାଇଡୁ , କୋରାପୁଟର ଶିଶୁ ବିକାଶ ପ୍ରକଳ୍ପ ସଂଯୋଜକ ଅଜିତ୍ ମନବୋଧ , ଶିଶୁ ବିକାଶ ପ୍ରକଳ୍ପ ସଂଯୋଜକ ସବିର କୁମାର ଡୁରୁକ ପ୍ରମୁଖ ଉପସ୍ଥିତ ଥିଲେ। ଲକ୍ଷ୍ମୀପୁର ବ୍ଲକ କାକିରିଗୁମା ପଞ୍ଚାୟତ କୁଡିପଦରଠାରେ ଗ୍ରାମୀଣ ମହିଳା ବିକାଶ ସଂସ୍ଥା ପକ୍ଷରୁ ବିଶ୍ୱ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ସଂସ୍ଥାର ନିର୍ଦ୍ଦେଶକ ରିଚେଲରାୟ କୁମାରୀ , ପ୍ରଶାସନିକ ଅଧିକାରୀ ପ୍ରୀତିମୟୀ ଦାସ ଦିବ୍ୟାଙ୍ଗଙ୍କ ପାଇଁ ଥିବା ବିଭିନ୍ନ ସରକାରୀ ଯୋଜନା ଉପରେ ଆଲୋଚନା କରିଥିଲେ। ବସନ୍ତ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



କୋରାପୁଟରେ ଅନୁଷ୍ଠିତ ଶିବିରରେ ଯୋଗଦେଇଥିବା ଦିବ୍ୟାଙ୍ଗମାନେ।

## ବିଶ୍ୱ ଭିନ୍ନକ୍ଷମ ଦିବସ

# ଭାଜପାର ଜନ ସମ୍ପର୍କ ପଦଯାତ୍ରା

■ ଭାଜପାରେ ମିଶିଲେ ବିଭିନ୍ନ ଦଳର ଶତାଧିକ କର୍ମୀ

ନନ୍ଦପୁର, ୩।୧୨(ଡି.ଏନ୍.ଏ.)

କୋରାପୁଟ ଜିଲା ନନ୍ଦପୁର ବ୍ଲକ ଅନ୍ତର୍ଗତ ବାଁଜଳାପୁଟରେ ଭାଜପା ପକ୍ଷରୁ ଜନ ପରାମର୍ଶ ପଦଯାତ୍ରା ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଠାରେ ଆୟୋଜିତ ଏକ ସଭାରେ ଭାଜପା ରାଜ୍ୟ ସମ୍ପାଦକ ଭୃଗୁ ବକ୍ସିପାତ୍ର ବକ୍ସିପାତ୍ର, କୋରାପୁଟ ଜିଲା ସଭାପତି ବିଜୟ ମିଶ୍ର ପୋଟ୍ଟାଙ୍ଗୀ ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷକ ଉପେନ୍ଦ୍ର ମହାନ୍ତି, କୋରାପୁଟ ଜିଲା ସମ୍ପାଦକ ଭଗବାନ ପେଟିଆ, ଜିଲା ଆଦିବାସୀ ସେଲ ସଭାପତି ବିଶ୍ୱନାଥ ସୀସା ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା କୃଷକ ମୋର୍ଚ୍ଚା ସଭାପତି ଧନୁର୍ଜୟ ମୁଦୁଲି, ପଟ୍ଟାଙ୍ଗୀ ବ୍ଲକ ଅଧକ୍ଷ ଜଗତ ଜ୍ୟୋତି ପାଙ୍ଗି ପଟ୍ଟାଙ୍ଗୀ ଜିଲା ପରିଷଦ ସଭ୍ୟ ଡୁମୁରି ଖିଲ, ଜିଲା ଯୁବ ମୋର୍ଚ୍ଚା ଉପ ସଭାପତି ସୁନୀଲ କୁମାର ପଣ୍ଡା, ଭଗବାନ ମୁଦୁଲି, ନନ୍ଦପୁର ମଣ୍ଡଳ ସଭାପତି ଦୁର୍ଗା ପ୍ରସାଦ ପଟ୍ଟନାୟକ, ଜିଲା ଆଦିବାସୀ ସେଲ ସଭ୍ୟ ଜୟରାମ ଭୋଇ, ତୁଷାରକାନ୍ତ ମହାନ୍ତି, କର୍ପୁର ହେନ୍ତାଳ ମଞ୍ଚାସୀନ ଥିଲେ। ନନ୍ଦକା ପଞ୍ଚାୟତର ପୂର୍ବତନ ସରପଂଚ ରେଲି ଶିଶାଙ୍କ ସମେତ ବିଭିନ୍ନ ଦଳରୁ ୨ଶହରୁ ଉର୍ଦ୍ଧ୍ୱ କର୍ମୀ ଭାଜପାରେ ଯୋଗ ଦେଇଥିଲେ।




# କୌତୁକ ପୋଷାକ ପ୍ରତିଯୋଗିତା



ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ର।

ସୁନାବେଡା, ୩।୧୨

ସୁନାବେଡାସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରରେ ପ୍ରିନ୍‌ସପାଲ ସ୍ୱର୍ଣ୍ଣଲତା ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଏକ କୌତୁକ ପୋଷାକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଥମରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ଭାଗ ନେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସ୍କୁଲର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ। ଡିକେ ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ବିଜ୍ଞାନମେଳା: ୧୭୦ ପ୍ରକଳ୍ପ ପ୍ରଦର୍ଶିତ

ଜୟପୁର,୩।୧୨(ନି.ପ୍ର./ଡି.ଏନ୍.ଏ.)

ଜୟପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇଛି। ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ବିଇଓ ସରୋଜିନୀ ଦଣ୍ଡସେନା, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଡିଇଓ ନୃସିଂହ ପ୍ରସାଦ ପାତ୍ର, ସମ୍ମାନିତ ଅତିଥି ଭାବେ ଏବିଇଓ ହେମଲତା ଚେଟ୍ଟୀ ଓ ପି. ହରିଶ୍ଚନ୍ଦ୍ର ରାଓ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଶିକ୍ଷକ ଯଜ୍ଞେଶ୍ୱର ପଣ୍ଡା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଏବଂ ଶେଷରେ ଶିକ୍ଷକ ପ୍ରଫୁଲ୍ଲ ପାଢ଼ୀ ଧନ୍ୟବାଦ ଦେଇଥିଲେ। ମେଳାରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ୧୭୦ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୌର ନିର୍ବାହୀ ଅଧିକାରୀ ସଞ୍ଜୟ ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବେ ବିଇଓ ସରୋଜିନୀ ଦଣ୍ଡସେନା ଉପସ୍ଥିତ ଥିଲେ। କିରଣ ସାହୁ, ସତ୍ୟପ୍ରିୟ ମିଶ୍ର, ସ୍ୱାଗତ ମଣ୍ଡଳ, ଅଭିଷେକ ମହାପାତ୍ର, ଶ୍ରୀୟାଂଶୁ ପଣ୍ଡା ଓ ସିଦ୍ଧାର୍ଥ ଗୌଡ଼ଙ୍କ ପ୍ରକଳ୍ପ ବ୍ଲକସ୍ତରରେ ଶ୍ରେଷ୍ଠ ହେବା ସହ ଜିଲାସ୍ତରକୁ ମନୋନୀତ ହୋଇଛି।



ପ୍ରଦର୍ଶିତ ବିଜ୍ଞାନ ମେଳାକୁ ଅତିଥିମାନେ ବୁଲିଦେଖୁଛନ୍ତି ।

■ ପ୍ରଶାସନର ପ୍ରତିଶ୍ରୁତିକୁ ପୂରିଲା ୩ ମାସ

# ପୁଣି ଆନ୍ଦୋଳନ ପାଇଁ ଗ୍ରାମବାସୀ ସଜବାଜ

ଦଶମନ୍ତପୁର, ୩।୧୨(ଡି.ଏନ୍.ଏ.)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅଧୀନ ମୁର୍କାର ପଞ୍ଚାୟତ ଅନ୍ତର୍ଗତ କୁନ୍ଦେଶ ଗ୍ରାମଠାରୁ ଲକ୍ଷ୍ମୀପୁର ବ୍ଲକର ତୋୟାପୁଟ ରାସ୍ତା ଦୂରତା ପ୍ରାୟ ୬ କି.ମି. । ଏଠାରେ ପକ୍କା ରାସ୍ତା ନିର୍ମାଣ ହେଲେ ଲକ୍ଷ୍ମୀପୁର ବ୍ଲକ, କାଶୀପୁର ବ୍ଲକ ଏବଂ ରାୟଗଡ଼ା ଜିଲାକୁ ଗମନାଗମନ ସୁଗମ ହେବ। ଏ ନେଇ ବାସିନ୍ଦା ବହୁବାର ଜିଲା ଏବଂ ରାଜ୍ୟ ପ୍ରଶାସନକୁ ଲିଖିତ ଓ ମୌଖିକ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ମୁର୍କାର, ଚମ୍ପିଓ ତୟାପୁଟ ଏହି ୩ଟି ପଞ୍ଚାୟତର ୬୦ଖଣ୍ଡ ଗ୍ରାମବାସୀ ରାୟଗଡାକୁ ସଂଯୋଗ କରୁଥିବା ରାଜରାସ୍ତାରେ ଗତ ସେପ୍ଟେମ୍ବର ଆନ୍ଦୋଳନକୁ ଓହ୍ଲାଇଥିଲେ। ଜିଲା ପ୍ରଶାସନିକ ଅଧିକାରୀ ଏବଂ ନେତାମାନେ ଆସି ଏକ ସପ୍ତାହ ମଧ୍ୟରେ ଫଟାକାକୁଡି ଘାଟି ରାସ୍ତା କାର୍ଯ୍ୟ ଆରମ୍ଭ କରାଯିବ ବୋଲି ଲିଖିତ ଏବଂ ମୌଖିକ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନକାରୀମାନେ ଏଥିରୁ ଓହରିଥିଲେ। ଜିଲା ଡିଇଏଫ୍ ପକ୍ଷରୁ ରାସ୍ତା ନିର୍ମାଣ ପାଇଁ ୩ କୋଟି ଟଙ୍କାର ଅଟକଳ କରାଯାଇଥିଲା । ଏ ସମ୍ପର୍କରେ ପ୍ରଶାସନ ଗ୍ରାମବାସୀଙ୍କୁ ସୂଚିତ କରିବା ସେମାନେ କହିଛନ୍ତି। କିନ୍ତୁ ପ୍ରଶାସନ ପ୍ରତିଶ୍ରୁତି ଦେଇ ଚୁପ ବସିପଡ଼ିଛି। ଦୀର୍ଘ ୩ ମାସ ବିତିଯାଇଥିଲେ ହେଁ ଆଜି ଯାଏଁ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇନାହିଁ। ପ୍ରଶାସନର ମିଥ୍ୟା ପ୍ରତିଶ୍ରୁତିକୁ ନେଇ ଏବେ ପୁଣି ଏକ ଆନ୍ଦୋଳନ ଦାନା ବାନ୍ଧୁଛି। ତେବେ ଏହି ମାସ ଶେଷ ସୁଦ୍ଧା ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ କରା ନ ଗଲେ ସେମାନେ ପୁଣି ରାଜରାସ୍ତାକୁ ଓହ୍ଲାଇବା ସହିତ ଜିଲାପାଳଙ୍କ କାର୍ଯ୍ୟାଳୟରେ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି। ଆଗାମୀ ନିର୍ବାଚନରେ ୩ ହଜାରରୁ ଉର୍ଦ୍ଧ୍ୱ ମତଦାତା ଭୋଟ ବର୍ଜନ କରିବା ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଆର୍‌ଡି ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ପଚରାଯିବାରୁ ଏହି ରାସ୍ତା ନିର୍ମାଣ ଲାଗି ଅର୍ଥ ମଞ୍ଜୁର ହୋଇନାହିଁ ବୋଲି କହିଛନ୍ତି।



ଅଧାପନ୍ତରିଆ ହୋଇପଡିଥିବା ରାସ୍ତା

## କାମ ଆରମ୍ଭ ହେଲାନି

ଧରିତ୍ରୀ
DHARITRI
ରାୟଗଡ଼ା, ମଙ୍ଗଳବାର, ୪ ଡିସେମ୍ବର, ୨୦୧୮



ପଢ଼ି ପଢ଼ି କଳଙ୍କ ଲାଗି କ୍ଷୟହେବା ଅପେକ୍ଷା
କାମ କରି କ୍ଷୟ ହୋଇଯିବା ଶ୍ରେୟସ୍କର।
- ରିଚାର୍ଡ କମ୍ବରଲ୍ୟାଣ୍ଡ୍



## ସଂକ୍ଷେପରେ



### ଦିବ୍ୟାଙ୍ଗଙ୍କୁ ଇଭିଏମ୍ ପ୍ରଦର୍ଶନ

ଚନ୍ଦାହାଣ୍ଡି,୩।୧୨(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ସଭାଗୃହଠାରେ ସୋମବାର ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ୨୦୧୮ ପାଳନ ସହ ଦିବ୍ୟାଙ୍ଗଙ୍କୁ ଇଲେକ୍‌ଟ୍ରୋନିକ୍ ଭୋଟିଂ ମେଶିନ (ଇଭିଏମ) ପ୍ରଦର୍ଶନ (ଡେମୋ) କରାଯାଇଛି । ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ଟିକମ ସିଂ ନାୟକ, ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ, ବିଇଓ ଭଜନ ଲାଲ ମାଝି , ଅତିରିକ୍ତ ନିର୍ବାଚନ ଅଧିକାରୀ ହୃଦାନନ୍ଦ ସିଂ ମାଝି , ଜିପିଇଓ କାହ୍ନୁଚରଣ ନାୟକ, ଡିଗ୍ରି କଲେଜ ଅଧକ୍ଷ ଦ୍ୱାରିକା ବାଘ, ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ପୁରୁଷୋତ୍ତମ ପାରୀ, ଅଧାପକ ବିଶ୍ୱ ରଞ୍ଜନ ପଣ୍ଡା, ସମାଜ କଲ୍ୟାଣ ଅଧିକାରୀ ତୁଷାର ରଞ୍ଜନ ସାହୁ, ଅତିରିକ୍ତ ତହସିଲଦାର ଶରତ ଶବର, ସମିତି ସଭ୍ୟ ନିଳମଣି ଗୌଡ଼ ପ୍ରମୁଖ ମଞ୍ଚାସୀନ ଥିଲେ । ସରକାରଙ୍କ ବିଭିନ୍ନ ଯୋଜନାର ଦିବ୍ୟାଙ୍ଗମାନେ କିପରି ଲାଭ ନେଇ ପାରିବେ ବିଡିଓ କହିଥିଲେ । ଦିବ୍ୟାଙ୍ଗ ମତଦାତାଙ୍କ ନିମନ୍ତେ ଇଭିଏମ ବ୍ୟବହାର ସମ୍ପର୍କରେ ପ୍ରଦର୍ଶନ ମାଧମରେ ବୁଝା ଯାଇଥିଲା । ଏହା ସଙ୍ଗେ ଭିନ୍ନକ୍ଷମ ମତଦାତା ନିର୍ବାଚନରେ ସେମାନଙ୍କ ମତଦାନ କିପରି ତ୍ରୁଟାରୁ ରୂପେ ଦେବେ ଏହାର ପ୍ରଚାର ପ୍ରସାର କରିବାକୁ ଉପସ୍ଥିତ ଲୋକ ପ୍ରତିନିଧିଙ୍କୁ ଏବଂ ବିଏଲଓମାନଙ୍କୁ ପରାମର୍ଶ ଦିଆଯାଇଥିଲା । କାର୍ଯ୍ୟକ୍ରମରେ ଶତାଧିକ ଭିନ୍ନକ୍ଷମ, ଲୋକ ପ୍ରତିନିଧି ଏବଂ ଶିକ୍ଷକମାନେ ଉପସ୍ଥିତ ଥିଲେ ।

### ଆଶ୍ରମ ବିଦ୍ୟାଳୟ ପରିଦର୍ଶନ କଲେ ମନ୍ତ୍ରୀ

ଚନ୍ଦାହାଣ୍ଡି,୩।୧୨(ଡି.ଏନ.ଏ): ବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଅନ୍ତର୍ଗତ ମଙ୍ଗଳ ବିଭାଗ ଦ୍ୱାରା ପରିଚାଳିତ ଜୁନାପାଣି ଆଶ୍ରମ ବିଦ୍ୟାଳୟକୁ ସୋମବାର ମନ୍ତ୍ରୀ ରମେଶ ଚନ୍ଦ୍ର ମାଝି ଗସ୍ତ କରିଛନ୍ତି। ବିଦ୍ୟାଳୟ ଓ ହଷ୍ଟେଲ ମନ୍ତ୍ରୀ ପରିଦର୍ଶନ କରିଥିଲେ। ହଷ୍ଟେଲ ଓ ବିଦ୍ୟାଳୟ କିପରି ଚାଲିଛି ବୋଲି ପ୍ରଧାନ ଶିକ୍ଷକ ରିମିଚନ ଚୌହାନଙ୍କୁ ପଚାରି ବୁଝିଥିଲେ। ବିଦ୍ୟାଳୟ ପରିସର ସଫାସୁତରା ରହିଥିବା ଦେଖି ମନ୍ତ୍ରୀ ଖୁସି ପ୍ରକଟ କରିଥିଲେ। ଠିକ ଭାବେ ହଷ୍ଟେଲ ଚାଲିଥିବା ଅନ୍ତେବାସୀମାନେ କହିଥିଲେ। ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ପ୍ରଶ୍ନ ମନ୍ତ୍ରୀ ପଚାରିଥିଲେ। ବିଦ୍ୟାଳୟ ପରିଚାଳନା ସଭାପତି ଗଣପତି ମାଝି, ଶିକ୍ଷୟିତ୍ରୀ ସସ୍ମିତା ବେହେରା, ମ୍ୟାଟ୍ରନ ଦିପ୍ତିମୟୀ ସାଗର ଉପସ୍ଥିତ ଥିଲେ।



# ବ୍ୟବସାୟୀ ସୁନୀଲ ସାହୁଙ୍କୁ ଅପହରଣ ଘଟଣା: ୫ ଗିରଫ

**ନବରଙ୍ଗପୁର,୩।୧୨(ବି.ପ୍ର)**

ନବରଙ୍ଗପୁର ପ୍ରତିଷ୍ଠିତ ବ୍ୟବସାୟୀ ତଥା ନବରଙ୍ଗପୁର ଏମପିଙ୍କ ପ୍ରତିନିଧି ସଦାଶିବ ସାହୁ (ସୁନିଲ ସାହୁ) ଅପହରଣ ଘଟଣାରେ ୫ ଜଣଙ୍କୁ ପୋଲିସ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେମାନଙ୍କ ଠାରୁ ଗୋଟିଏ ପିସ୍ତଲ, ୨ଟି ଅଫୁଟା ଗୁଳି ଓ ୮୦ହଜାର ଟଙ୍କା ଜବତ କରାଯାଇଛି । ଏହା ସମେତ ଅପହରଣରେ ବ୍ୟବହାର ହୋଇଥିବା ଏକ ସ୍କୋର୍ପିଓ ଗାଡି କଙ୍ଗା ଜଙ୍ଗଲରୁ ପୋଲିସ ଜବତ କରିଛି। ଅପହରଣ ପାଇଁ ୧୫ ଦିନ ପୂର୍ବରୁ ଅଭିଯୁକ୍ତମାନେ ଯୋଜନା କରିଥିଲେ ବୋଲି ନବରଙ୍ଗପୁର ଭାରପ୍ରାପ୍ତ ଏସପି ତଥା କୋରାପୁଟ ଏସପି ଡଃ. କେ. ଭିଶାଲ ସିଂ ନବରଙ୍ଗପୁର ମଡେଲ ଥାନାରେ ଆହୁତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି । ଟଙ୍କା ପାଇଁ ଏହି ଅପହରଣ କରାଯାଇଥିଲା। ଘଟଣାର ଏବେ ବି ତଦନ୍ତ ଚାଲିଛି। ଅପହରଣ ଘଟଣାରେ ଗିରଫ ହୋଇଥିବା ଅଭିଯୁକ୍ତମାନେ ହେଲେ ଜୟପୁର ଥାନା ଅଧିନ ବାୟାଗୁଡା ଗାଁର ସୁରେନ୍ଦ୍ର ନାଗ (୨୦), କଳାହାଣ୍ଡି ଗାଁର ସୁବାସ ହରିଜନ ଓରଫ ମୁନା (୨୭), ଦୈତାରି ହରିଜନ (୨୬), ସିଆଡିମାଲ ଗାଁର ସୁରେଶ ହରିଜନ( ୩୨) ଓ ନବରଙ୍ଗପୁର ଗାନ୍ଧିନଗର ସାହିର ସୁମନ କୁମାର ପାଢୀ ଓରଫ ମିକୁନ ବୋଲି ଏସପି ସିଂ କହିଛନ୍ତି । ଗତ ୮ ତାରିଖରେ ସୁନିଲ ନନ୍ଦାହାଣ୍ଡି ବ୍ଲକ ଡଙ୍ଗରଭେଜାକୁ ଯାଇ ମାଏଷ୍ଟ୍ରୋ ଗାଡିରେ ନବରଙ୍ଗପୁର ସ୍ଥିତ ଘରକୁ ଫେରୁଥିବା ସମୟରେ ନନ୍ଦାହାଣ୍ଡି ବ୍ଲକର ଖୁଣ୍ଟିଆ- ସିନ୍ଧିଗୁଡା ଛକ ନିକଟରୁ ତାଙ୍କୁ ଅପହରଣ କରାଯାଇଥିଲା। ଅପହରଣ ପରେ ସୁନିଲଙ୍କ ଆଖିରେ ପଟି ବାନ୍ଧି ଅଭିଯୁକ୍ତମାନେ ରଖିଥିଲେ । ୧୨ ତାରିଖରେ ଜୟପୁର ଜୟନଗର ଠାରୁ ୫ କିମି ଦୂରରେ ମାଏଷ୍ଟ୍ରୋ ଗାଡି ସହ ସୁନିଲଙ୍କୁ ଅପହରଣ କାରୀମାନେ ଛାଡି ଦେଇଥିଲେ । ସେ ୧୨ ତାରିଖରେ ପ୍ରଥମେ ଜୟପୁର ଇରିଗେସନ କଲୋନୀ ଠାରେ ରହୁଥିବା ତାଙ୍କ ଭଣଜା ଘରକୁ ଯାଇଥିଲେ । ପରେ ନବରଙ୍ଗପୁର ସ୍ଥିତ ତାଙ୍କ ନିଜ ବାସଭବନକୁ ଫେରିଥିଲେ ବୋଲି ଏସପି କହିଥିଲେ । ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସପି ସି.ଏଚ. ହୃଦାୟାନନ୍ଦ, ଶାନ୍ତନୁ ମହାନ୍ତି, ଏସଡିପିଓ ବିମଳ କାନ୍ତ ବ୍ରହ୍ମା, ଡିଏସପି ଗୋବିନ୍ଦ ବୁରୁଦା, ନବରଙ୍ଗପୁର ଥାନା ଅଧିକାରୀ ଭିମସେନ ନାୟକ, ଅତିରିକ୍ତ ଥାନା ଅଧିକାରୀ ଏମ. ଆଚାରୀ , ଏସଆଇ ଦିଲ୍ଲିପ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।



ଖବରଦାତା ସମ୍ମିଳନୀରେ ନବରଙ୍ଗପୁର ଭାରପ୍ରାପ୍ତ ତଥା କୋରାପୁଟ ଏସ୍‌ପି ସୂଚନା ଦେଉଛନ୍ତି ।



ଜବତ ହୋଇଥିବା ଟଙ୍କା, ପିସ୍ତଲ ଓ ଗୁଳି ।

- ୮୦ ହଜାରଟଙ୍କା, ପିସ୍ତଲ, ୨ଟି ଅଫୁଟା ଗୁଳି ଜବତ
- ଟଙ୍କା ପାଇଁ କରାଯାଇଥିଲା ଅପହରଣ
- ଅପହରଣର ୧୫ଦିନ ପୂର୍ବରୁ କରାଯାଇଥିଲା ଯୋଜନା

▪ କେବୁଲ ଅପରେଟରଙ୍କୁ ପୂର୍ବତନ ଏସ୍‌ପିଙ୍କ ମାଡ଼ ଘଟଣା

## ନବରଙ୍ଗପୁର,ପାପଡ଼ାହାଣ୍ଡି ଥାନା ଅଧିକାରୀଙ୍କୁ ଡିଆଇଜି ଅଫିସରେ ହାଜର ହେବାକୁ ନିର୍ଦ୍ଦେଶ

**ନବରଙ୍ଗପୁର,୩।୧୨(ବି.ପ୍ର.)**

ନବରଙ୍ଗପୁରର ପୂର୍ବତନ ଏସପି ବିବେକାନନ୍ଦ ଶର୍ମା ଜଣେ କେବୁଲ ଅପରେଟର ବାବୁଲା ଭଦ୍ରାଙ୍କୁ ମାଡ ମାରିଥିଲେ । ଏହି ଘଟଣାରେ ପୋଲିସ ମହାନିର୍ଦ୍ଦେଶକ ଦକ୍ଷିଣ ପଶ୍ଚିମାଞ୍ଚଳ (କୋରାପୁଟ) ଭାରପ୍ରାପ୍ତ ଡିଆଇଜିଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ । ୨୯ ତାରିଖରେ ଏସପି ଶର୍ମାଙ୍କୁ କଟକ ମୁଖ୍ୟାଳୟକୁ ବଦଳି କରାଯାଇଛି । ଏଥିସହ ପାପଡାହାଣ୍ଡି ଥାନା ଅଧିକାରୀ ତାରିକ ଅହମ୍ମଦ, ନବରଙ୍ଗପୁର ଥାନା ଅଧିକାରୀ ଭିମସେନ ନାୟକ, ଏସପିଙ୍କ ଆବାସିକ କାର୍ଯ୍ୟାଳୟର କାର୍ଯ୍ୟରତ କନଷ୍ଟେବଳ ଲକ୍ଷ୍ମଣ ନାୟକ (ସି/୮୮) ଓ ପି.କେ. ମଣ୍ଡଳ (ସି/୧୨୮)ଙ୍କୁ ଆସନ୍ତା ୧୦ ତାରିଖରେ ତଦନ୍ତ ପାଇଁ ଡିଆଇଜିଙ୍କ କାର୍ଯ୍ୟାଳୟରେ ପୂର୍ବାହ୍ନ ୧୦ଟାରେ ଉପସ୍ଥିତ ରହିବାକୁ ଚିଠି କରାଯାଇଛି। ଡିଆଇଜି ଅଖଳେଶ ସିଂ କୋରାପୁଟ ତଥା ନବରଙ୍ଗପୁରର ଭାରପ୍ରାପ୍ତ ଏସପି ଡଃ. କେ. ଭିଶାଳ ସିଂଙ୍କୁ ୨୯ ତାରିଖରେ ନମ୍ବର ୩୮୧/ୟୁସିଏଡବ୍ଲୁ ଅନୁଯାୟୀ ଏହି ଚିଠି କରିଛନ୍ତି । ଅନ୍ୟ ପକ୍ଷରୁ ବାବୁଲା ଭଦ୍ରା ନିଜ ଘରେ ନଥିବାରୁ ତାଙ୍କୁ ଖୋଜି ଏହି ତଦନ୍ତ ସମୟରେ ଉପସ୍ଥିତ ରହିବାକୁ ଜଣାଇବା ପାଇଁ ନବରଙ୍ଗପୁର ଥାନା ଅଧିକାରୀଙ୍କୁ ଚିଠିରେ ନିର୍ଦ୍ଦେଶ ରହିଛି। ଏନେଇ ଆସନ୍ତା ୮ ତାରିଖ ସୁଦ୍ଧା ଏହାର ପଦକ୍ଷେପ ସମ୍ପର୍କରେ ଅବଗତ କରାଇବାକୁ କୁହାଯାଇଛି । ସୂଚନାଯୋଗ୍ୟ ଯେ, ବାବୁଲା ଭଦ୍ରାଙ୍କୁ ପୂର୍ବତନ ଏସପି ମାଡ ମାରିବା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ କଂଗ୍ରେସ ପକ୍ଷରୁ ଦାବୀ ହୋଇଥିଲା । ଏ ସମ୍ପର୍କରେ ପୂର୍ବତନ ଏମପି ପ୍ରଦୀପ ମାଝି ଡିଜିପିଙ୍କୁ ମଧ ଅଭିଯୋଗ କରିଥିଲେ ।

## ବିନା ଅନୁମତିରେ କୋଠାବାଡ଼ି ନିର୍ମାଣ
### ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଲେଖିଲେ ଉପଜିଲାପାଳ

**ଜୟପୁର,୩।୧୨(ଡି.ଏନ.ଏ)**

ଜୟପୁର ସହରରେ ଟାଉନ ପ୍ଲାନିଂ ଓ ପୌରସଂସ୍ଥାର ବିନା ଅନୁମତିରେ ଗୃହ ଏବଂ କୋଠାବାଡ଼ି ନିର୍ମାଣ ହୋଇଛି । ଏନେଇ ଉକ୍ତ ଦୁଇ ସଂସ୍ଥା ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ଦର୍ଶାଇ ଉପଜିଲାପାଳ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ପତ୍ର ଲେଖିଛନ୍ତି। ସେହିପରି ଉଭୟ ପୌରସଂସ୍ଥା ଏବଂ ଟାଉନପ୍ଲାନିଂ ବିଭାଗକୁ ଆସନ୍ତା ୭ ଦିନ ମଧ୍ୟରେ ବେଆଇନ ଗୃହ ଓ କୋଠାବାଡି ନିର୍ମାଣ ପ୍ରତିଷ୍ଠାନ ବିରୋଧରେ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ତାହାର କାରଣ ଦର୍ଶାଇବାକୁ ଉପଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଗତ ୧୫ ବର୍ଷ ମଧ୍ୟରେ କେତେଟି ଗୃହ ଓ କୋଠାବାଡି ପ୍ରତିଷ୍ଠାନକୁ ଉଭୟ ବିଭାଗ ପକ୍ଷରୁ ଅନୁମତି ଦିଆଯାଇଛି ସେ ସମ୍ପର୍କରେ ମଧ୍ୟ ସୂଚନା ରଖିବାକୁ କୁହାଯାଇଛି। ପ୍ରକାଶ ଯେ, ଏହିପରି ବେଆଇନ ନିର୍ମାଣ ଫଳରେ ସହରରେ ଡ୍ରେନ୍, ରାସ୍ତା ଓ ଲାଇଟ ବ୍ୟବସ୍ଥାରେ ସମସ୍ୟା ସୃଷ୍ଟି ହେଉଛି ।



ଧାନମଣ୍ଡି ଉଦଘାଟନ ଅବସରରେ ଉପସ୍ଥିତ ଅତିଥିମାନେ ।

## ଚନ୍ଦାହାଣ୍ଡିରେ ଧାନମଣ୍ଡି ଉଦ୍‌ଘାଟିତ

**ଚନ୍ଦାହାଣ୍ଡି,୩।୧୨(ଡି.ଏନ୍.ଏ.)**

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଲ୍ୟାମ୍ପସ ପରିସରରେ ସୋମବାର ଧାନମଣ୍ଡି ଉଦ୍‌ଘାଟିତ ହୋଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଟିକମସିଂ ନାୟକ, ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦେବେନ୍ଦ୍ର ପ୍ରସାଦ ବଳ, ତହସିଲଦାର ହୃଦାନନ୍ଦ ସିଂ ମାଝି, ରାଜସ୍ୱ ନିରୀକ୍ଷକଙ୍କ ସପନ ସରକାର, ଆରଏମ୍‌ସି ସୁପରଭାଇଜର ପ୍ରଶାନ୍ତ ରାଓ, ଲ୍ୟାମ୍ପସ ଏମଡି ଉମେଶ ଚନ୍ଦ୍ର ତ୍ରିପାଠୀ, ମିଲର ମହମ୍ମଦ ରିଜୁଆନ, ଚାଷୀ ଜଗନ୍ନାଥ ସିହ୍ନା, ପ୍ରକାଶ ମହାପାତ୍ର, ନୀଳମଣି ଗୌଡ଼, ତ୍ରିଜନ ନାୟକ, ଦୁର୍ଯ୍ୟୋଧନ ପୂଜାରୀ, ବବି ବିଶୋଇ, କଳମଲୋଚନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଚଳିତ ବର୍ଷ ନବେ ହଜାର ଏକସ୍ତରୀ କୁଇଣ୍ଟାଲ ଧାନ କିଣିବା ପାଇଁ ସରକାରୀ ନିର୍ଦ୍ଦେଶ ରହିଛି। ବ୍ଲକର ପୁଜାରୀଗୁଡା ମଣ୍ଡିରେ ମଙ୍ଗଳବାର, କୋଇଲିମୁଣ୍ଡା ମଣ୍ଡିରେ ଶନିବାର, ଧୋଡିମାରି ମଣ୍ଡିରେ ସୋମବାର ଓ ଗୁରୁବାର, ଚନ୍ଦାହାଣ୍ଡି ମଣ୍ଡିରେ ବୁଧବାର ଓ ଶୁକ୍ରବାର ଧାନ କିଣାଯିବ ବୋଲି ଲ୍ୟାମ୍ପସ ଏମ୍‌ଡି ସୂଚନା ଦେଇଛନ୍ତି । ଚଳିତବର୍ଷ ରାଜ୍ୟ ସରକାର ଚାଷୀଙ୍କ ଧାନ ମଣ୍ଡିରେ କଟାଯିବ ନାହିଁ ବୋଲି ନିର୍ଦ୍ଦେଶ ରହିଛି। ସେଥିପାଇଁ ଚାଷୀମାନେ ଏଫଏକ୍ୟୁ ମାନର ଧାନ ମଣ୍ଡିକୁ ଆଣିବା ପାଇଁ କୁହାଯାଇଥିଲା ।

▪ ବୀର ବାହାଦୁର ଯୁବା କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ

## ସେମଳା ଚାମ୍ପିୟନ

**ତେନ୍ତୁଳିଖୁଣ୍ଟି,୩।୧୨(ଡି.ଏନ.ଏ)**

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଗଉଡଗୁଡାଠାରେ ବୀର ବାହାଦୂର ଯୁବା କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଉଦଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ସେମଳା ଓ ଇନ୍ଦ୍ରାବତୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସେମଳା ଦଳ ଇନ୍ଦ୍ରବାତୀକୁ ହରାଇ ଚାମ୍ପିୟନ ହୋଇଛି। ଉଦଯାପନୀ ମ୍ୟାଚରେ ମୁଖ୍ୟଅତିଥି ଭାବେ ପ୍ରଦେଶ କଂଗ୍ରେସ କମିଟିର କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝି, ମୁଖ୍ୟବକ୍ତା ଭାବେ ଭୀମସେନ ପାଣିଗ୍ରାହୀ ଯୋଗ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ଜିଲା କଂଗ୍ରେସ ଆଦିବାସୀ ସେଲ ସଭାପତି ଅଖିଳ ଭଦ୍ରା, ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ପି. ନାଗରତ୍ନମ, ଜିଲା ସଂଖ୍ୟା ଲଘୁ ସେଲ ସଭାପତି ରମେଶ ପାତ୍ର ବାଘ ପ୍ରମୁଖ ଯୋଗ ଦେଇଥିଲେ । ସରାଂଶୁ ଶେଖର ସୁନା, ସୌମ୍ୟ ସୁନା, ଅମୀୟ ନାୟକ, ପିଣ୍ଟୁ ଶଗରିଆ, ବିଶ୍ୱଜିତ ଦଳେଇ, ସୁଧାଂଶୁ ସୁନା, ରୋମିୟ ସୁନା, ଗଗନ ସୁନା, କିସାନ ସୁନା, କାହ୍ନୁ ମହାନ୍ତି ପ୍ରମୁଖ ମ୍ୟାଚ ପରିଚାଳନା ସହଯୋଗ କରିଥିଲେ। ମ୍ୟାନ ଅଫ ଦି ସିରିଜ ପୁରସ୍କାର ଉପେନ୍ଦ୍ର କୁମାର ପାଇଥିଲେ ।



ପୂର୍ବତନ ଏମପି ପ୍ରଦୀପ ମାଝି ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରୁଛନ୍ତି ।

## ଭାଜପାର ଜନ ପରାମର୍ଶ ପଦଯାତ୍ରା

**ଚନ୍ଦାହାଣ୍ଡି,୩।୧୨(ଡି.ଏନ.ଏ)**

ଚନ୍ଦାହାଣ୍ଡି ବ୍ଲକର ମାଲଗାଁ ମଣ୍ଡଳ ସ୍ତରୀୟ ଭାଜପାର ଜନପରାମର୍ଶ ପଦଯାତ୍ରା ଅନୁଷ୍ଠିତ ହୋଇଛି। ମାଲଗାଁ ମଣ୍ଡଳ ସଭାପତି ଡମ୍ବରୁ ମାଝି ଏବଂ ଚନ୍ଦାହାଣ୍ଡି ମଣ୍ଡଳ ସଭାପତି ପ୍ରତାପ ବାଘଙ୍କ ନେତୃତ୍ୱରେ କର୍ମୀମାନେ ସରଧାପୁର ପଞ୍ଚାୟତରୁ ପଦଯାତ୍ରା ଆରମ୍ଭ କରିଥିଲେ। କେନ୍ଦ୍ର ସରକାରଙ୍କ ଜନହିତକର ଯୋଜନା ଉପରେ ଲୋକମାନଙ୍କୁ ଅବଗତ କରାଇଥିଲେ। କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଯୋଜନାକୁ ରାଜ୍ୟ ସରକାର ଲାଗୁ କରୁ ନ ଥିବାରୁ ପରାମର୍ଶ ଯାତ୍ରାରେ ଲୋକମାନଙ୍କ ମତ ସଂଗ୍ରହ କରାଯାଇଥିଲା। ଏଥିରେ ଭାଜପା ଜିଲା ସଭାପତି ଗୋବିନ୍ଦ ଜୈନ, ମନଧର ଧୁରୁଆ, ଶ୍ୟାମ ମାଝି , ଭରତ ବାଘ, କୁମାର ମାଝି, ଗୁଞ୍ଜୁ ପୁଜାରୀ, କୁଞ୍ଜ ଉଇସାଲ ପ୍ରମୁଖ ଯୋଗ ଦେଇଥିଲେ।




ଜନପରାମର୍ଶ ପଦଯାତ୍ରାରେ ଭାଜପା କର୍ମକର୍ତ୍ତାମାନେ ।

# ଦିବ୍ୟାଙ୍ଗଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ ପାଇଁ ଆହ୍ୱାନ

**ନବରଙ୍ଗପୁର/ଡାବୁଗାଁ/ଚନ୍ଦାହାଣ୍ଡି/ପାପଡାହାଣ୍ଡି ୩।୧୨(ବି.ପ୍ର/ଡି.ଏନ.ଏ.)**

ଜିଲା ସାମାଜିକ ସୁରକ୍ଷା ଓ ସଶକ୍ତି କରଣ ବିଭାଗ ପକ୍ଷରୁ ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ ସ୍ଥାନୀୟ ମିଶନ ଶକ୍ତି ହଲ ପରିସରରେ ପାଳିତ ହୋଇ ଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ପରିକ୍ଷିତ ସେଠୀ, ସମ୍ମାନିତ ଅତିଥି ଉପଜିଲାପାଳ କରୁଣାକର ରାଇକା, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ରାମଚନ୍ଦ୍ର ନାହାକ, ମୁଖ୍ୟବକ୍ତା ଶିକ୍ଷାବିତ୍ ଡଃ. ରାଧାନାଥ ବେହେରା, ଶିଶୁ କଲ୍ୟାଣ କମିଟି ଅଧ୍ୟକ୍ଷ ବିଜୟ କୁମାର ଚୌଧୁରୀ, ତହସିଲଦାର ଅକ୍ଷୟ କୁମାର ଖେମୁଣ୍ଡୁ, ବିଡିଓ ଲଳିତ ମଣ୍ଡଳ, ବ୍ଲକ ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀ, ନିଗମାନନ୍ଦ ଆଶ୍ରମର ସଭାପତି ତଥା ସାହିତ୍ୟିକ ନାରାୟଣ ପଣ୍ଡା, ଜିଲା ଭିନ୍ନକ୍ଷମ ସଭାପତି ସୁଜିତ ରଥ ପ୍ରମୁଖ ଯୋଗ ଦେଇ ଏହି ଦିବସର ମହତ୍ୱ ସମ୍ପର୍କରେ କହିଥିଲେ। ଦିବ୍ୟାଙ୍ଗଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବାକୁ ଆହ୍ୱାନ ଦେଇଥିଲେ। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣ ବେହେରା ସଭାପତିତ୍ୱ କରିଥିଲେ । ଏହି ଅବସରରେ ଅତିଥି ମାନେ ଦିବ୍ୟାଙ୍ଗଙ୍କୁ ସହାୟତା ପ୍ରଦାନ କରିଥିଲେ । ଜିଲା ଭିନ୍ନକ୍ଷମ ସଭାପତି ରଥଙ୍କୁ ସମ୍ମାନିତ କରାଯାଇଥିଲା । ଦିବ୍ୟାଙ୍ଗଙ୍କୁ ନେଇ ବିଭିନ୍ନ ପ୍ରତିଯୋଗୀତା କରାଯାଇ ପରସ୍କାର ପ୍ରଦାନ କରାଯାଇଥିଲା । ଏହି ଅବସରରେ ସ୍ଥାନୀୟ ଆଶା କିରଣ ଠାରୁ ମିଶନ ଶକ୍ତି ପର୍ଯ୍ୟନ୍ତ ସଚେତନତା ଶୋଭାଯାତ୍ରା ପରିକ୍ରମା କରିଥିଲା ।

ଡାବୁଗାଁ ବ୍ଲକ କାର୍ଯ୍ୟାଳୟଠାରେ ବ୍ଲକସ୍ତରୀୟ ଅର୍ନ୍ତଜାତୀୟ ଦିବ୍ୟାଙ୍ଗ ଦିବସ ସୋମବାର ପାଳିତ ହୋଇଯାଇଛି । ଏଥିରେ ଦିବ୍ୟାଙ୍ଗମାନେ ଇଭିଏମ ମେସିନରେ କିପରି ଭୋଟ ଦେବେ ସେ ନେଇ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ମହେଶ୍ୱର ପ୍ରଧାନ ବୁଝାଇଥିଲେ । ଏହି ସଭାରେ ଜିଲା ପରିଷଦ ଉପାଧକ୍ଷା ନିବେଦିତା ମହାନ୍ତି, ବ୍ଲକ ଅଧକ୍ଷ ବଂଶୀଧର ମାଝୀ, ବିଡିଓ ଗୌରହରି ପାତ୍ର, ତହସିଲଦାର ନରସିଂହ ଗାଦବା, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ କମଳାକାନ୍ତ ସ୍ୱାଇଁ, ସରପଞ୍ଚ ଓ ଦିବ୍ୟାଙ୍ଗମାନେ ଯୋଗ ଦେଇଥିଲେ । ସେହିପରି ଡାବୁଗାଁ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଅର୍ନ୍ତଜାତୀୟ ଦିବ୍ୟାଙ୍ଗ ଦିବସ ପାଳିତ ହୋଇଯାଇଛି। ଏଥିରେ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା । ବ୍ଲକ ଶିକ୍ଷା ଅଧିକାରୀ ପ୍ରଶାନ୍ତ କୁମାର ହୋତା, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଅଞ୍ଜଳି ବିଶ୍ୱାସ ଓ ମହେଶ ଚନ୍ଦ୍ର ଶାହା, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ରତିକାନ୍ତ ନାୟକ, ଧନସିଂ ତନ୍ତୀ, କୃଷ୍ଣଚନ୍ଦ୍ର ପଣ୍ଡା, ରାଇସିଂ ପୂଜାରୀ, ବିକାଶ ରଞ୍ଜନ ନିଶଙ୍କ, ହେମଧର ନାଇକ,ପ୍ରକାଶ ଖଟୁଆ ଓ ପଙ୍କଜ କୁମାର ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମକୁ ବିଆରଟି ଛନ୍ଦାଚରଣ ମେହେର ପରିଚାଳନା କରିଥିଲେ। ନବରଙ୍ଗପୁର ଜିଲା ଆଇନ ସେବା ପ୍ରାଧିକରଣ ତରଫରୁ ଜିଏନଏମ ଟ୍ରେନିଂ ସେଣ୍ଟରଠାରେ ବିଶ୍ୱ ଭିନ୍ନକ୍ଷମ ଦିବସକୁ ନେଇ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜିଲା ଜଜ ରାଜେନ୍ଦ୍ର ପାଣିଗ୍ରାହୀ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ମୁଖ୍ୟ ବିଚାର ବିଭାଗୀୟ ଦଣ୍ଡାଧିକାରୀ ଆର.କେ ମହାପାତ୍ର, ରେଜିଷ୍ଟ୍ରର ମନୋରଞ୍ଜନ ଦାସ, ଜିଲା ଆଇନ ସେବା ପ୍ରାଧିକରଣ ସମ୍ପାଦକ ପ୍ରସନ୍ନ କୁମାର ବେହେରା, ଉପଖଣ୍ଡ ବିଚାର ବିଭାଗୀୟ ଦଣ୍ଡାଧିକାରୀ ଅମରେଶ ମହାପାତ୍ର, ମନୋରମା ମାଝି ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ସ୍ୱରସ୍ୱତୀ ଦେବୀ ନାୟକ ଧନ୍ୟବାଦ ଦେଇଥିଲେ ।

ଚନ୍ଦାହାଣ୍ଡି ବ୍ଲକ ପାନାବେଡା ଦିବ୍ୟାଙ୍ଗ ସଂଘ ପକ୍ଷରୁ ବିଶ୍ୱ ଦିବ୍ୟାଙ୍ଗ ଦିବସ ଯାଦବ ମାଝି ବସ୍‌ଷ୍ଟାଣ୍ଡ ପରିସରରେ ସୋମବାର ପାଳିତ ହୋଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ, ସମ୍ମାନିତ ଅତିଥି ଭାବେ ଏସ୍‌ପି ପ୍ରତିନିଧି ପ୍ରଶାନ୍ତ ପାରୀ, ବିସିସି ସମ୍ପାଦକ କ୍ଷେମରାଜ ବାଘ, ଖବରଦାତା ଦିଲୀପ କୁମାର ଦାସ, ମନୋଜ କୁମାର ପାଣ୍ଡି, ମୁକୁନ୍ଦ ବେଶ୍ରା ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଭିନ୍ନକ୍ଷମମାନେ ବ୍ଲକରେ ଭିନ୍ନକ୍ଷମ ସ୍କୁଲ ଖୋଲିବା ଓ ୨ହଜାର ଟଙ୍କା ମାସିକ ପେନ୍‌ସନ ପ୍ରଦାନ ଆଦି ବିଡିଓଙ୍କ ନିକଟରେ ଦାବି କରିଥିଲେ। ଜଣେ ଦିବ୍ୟାଙ୍ଗଙ୍କୁ ଟ୍ରାଇ ସାଇକେଲ ପ୍ରଦାନ କରାଯାଇଥିଲା। ଭିନ୍ନକ୍ଷମ ସଂଘ ସଭାପତି ତୀର୍ଥ ଗୌଡ଼, ସମ୍ପାଦକ ଧନିରାମ ନାଏକ, ଚିତ୍ରସେନ ମାଝି, ଭୋଳାନାଥ ବାଘ, ବିଜୁଳୀ ମାଝି, ମକବୁଲ ଅଲ୍ଲୀ, ଉମେଶ ସିନ୍ଧୁ ପ୍ରମୁଖ ପରିଚାଳନା କରିଥିଲେ ।

ପାପଡାହାଣ୍ଡିଠାରେ ଅର୍ନ୍ତଜାତୀୟ ଭିନ୍ନକ୍ଷମ ଦିବସ ପାଳିତ ହୋଇଛି। ବ୍ଲକ ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକରେ ତହସିଲଦାର ପ୍ରେମଲାଲ ହିଆଲ, ବିଡିଓ ରଞ୍ଜିତା ମଲ୍ଲିକ, ଏବିଡିଓ ବିଶ୍ୱନାଥ ରାଉତ, ବ୍ଲକ ଉପାଧକ୍ଷ ତ୍ରିନାଥ ପ୍ରଧାନ ପ୍ରମୁଖ ଯୋଗ ଦେଇ ଦିବ୍ୟାଙ୍ଗ ସମ୍ମୁଖୀନ ହେଉଥିବା ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ ।




ଅତିଥିମାନେ ମାନପତ୍ର ପ୍ରଦାନ କରୁଛନ୍ତି ।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ମଙ୍ଗଳବାର, ଡିସେମ୍ବର ୪/୨୦୧୮ Rayagada, Tuesday, December 4 / 2018


**ସଂକ୍ଷେପରେ**

## ସ୍ୱାମୀର ଟାଙ୍ଗିଆ ଚୋଟରେ ସ୍ତ୍ରୀ ଗୁରୁତର

**କାଳିମେଳା,୩।୧୨(ଡି.ଏନ.ଏ):** ମାଲକାନଗିରି ଜିଲା କାଳିମେଳା ଥାନା ଅନ୍ତର୍ଗତ ଏରବାନପାଲି ଗ୍ରାମରେ ସ୍ୱାମୀର ଟାଙ୍ଗିଆ ଚୋଟରେ ସ୍ତ୍ରୀ ଗୁରୁତର ହେବା ପରି ଘଟଣା ଘଟିଛି। ଗ୍ରାମର ମାସା ପଡିଆମି ତାଙ୍କ ସ୍ତ୍ରୀ ଇର୍ମେ ପଡିଆମଙ୍କୁ ଟାଙ୍ଗିଆରେ ଆକ୍ରମଣ କରିଛନ୍ତି। ଏନେଇ ଅଭିଯୋଗ ହେବା ପରେ ପୋଲିସ ମାସାଙ୍କୁ ଗିରଫ କରିଛି। ଗୁରୁତର ଅବସ୍ଥାରେ ଇର୍ମେ କାଳିମେଳା ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଖବରରୁ ଜଣାପଡିଛି ମାସା ପ୍ରତ୍ୟେକ ଦିନ ମଦ୍ୟପାନ କରି ଘରକୁ ଫେରନ୍ତି । ଏହାକୁ ସ୍ତ୍ରୀ ଇର୍ମେ ବିରୋଧ କରୁଥିଲେ । ଏନେଇ ସ୍ୱାମୀ ସ୍ତ୍ରୀଙ୍କ ମଧରେ ଝଗଡା ଲାଗୁଥିଲା। ଗତ ୧ରେ ମାସା ପ୍ରଚୁର ମଦ ପିଇ ଇର୍ମେଙ୍କ ସହ ଗଣ୍ଡଗୋଳ କରି ଘରେ ଥିବା ଏକ ଟାଙ୍ଗିଆରେ ତାଙ୍କ ବେକକୁ ହାଣି ଦେଇଥିଲେ। ଫଳରେ ଇର୍ମେ ଗୁରୁତର ହୋଇଥିଲେ। ପରେ ଇର୍ମେଙ୍କ ଭାଇ ବଦଲି ଗ୍ରାମର ଗଙ୍ଗାଧର ମାଡକାମି ନିଜ ଭଉଣୀକୁ ନେଇ ଚିକିତ୍ସା କରିଥିଲେ । ମାସା ତାଙ୍କୁ ଜୀବନରୁ ମାରିଦେବାକୁ ଉଦ୍ୟମ କରିଥିଲେ ବୋଲି ଇର୍ମେ ଗତ ୨ରେ କାଳିମେଳା ଥାନାରେ ଲିଖିତ ଏତଲା ଦେଇଥିଲେ । ପୋଲିସ ଏହାକୁ ଭିତ୍ତି କରି ୯୮/୧୮ରେ ମାମଲା ରୁଜୁ କରି ମାସାଙ୍କୁ ଗିରଫ କରଛି। ଟାଙ୍ଗିଆ ଜବତ ହୋଇଛି ବୋଲି ଥାନା ଅଧିକାରୀ ଅଜିତ କୁମାର ସ୍ୱାଇଁ କହିଛନ୍ତି ।




ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ଅବସରରେ ମାଲକାନଗିରି ଓ ଖଇରପୁଟରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଭିନ୍ନକ୍ଷମ ଛାତ୍ରୀଛାତ୍ର।




କାଳିମେଳାରେ ମଞ୍ଚାସୀନ ଅତିଥିମାନେ।

# ସୁବିଧାର ସୁଯୋଗ ନେବାକୁ ପରାମର୍ଶ

**ମାଲକାନଗିରି/କୋରୁକୋଣ୍ଡା/କାଳିମେଳା ଖଇରପୁଟ, ୩।୧୨ (ଡି.ଏନ୍.ଏ.)**

ମାଲକାନଗିରି ଜିଲା ସଦର ମହକୁମା ସଂସ୍କୃତି ଭବନ ପରିସରରେ ସୋମବାର ଜିଲାସ୍ତରୀୟ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ଜିଲା ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ମାଲକାନଗିରି ବ୍ଲକ ଏବଂ ପୌର ପରିଷଦ ମିଳିତ ଭାବେ ଆୟୋଜନ କରିଥିଲେ। ଜିଲା ସାମାଜିକ ଭିନ୍ନକ୍ଷମ ସଶକ୍ତୀକରଣ ଅଧିକାରୀ ରାଧାମଣି ଦଳେଇ ଅଧ୍ୟକ୍ଷତା କରିଥିଲେ। ଜିଲାପାଳ ମନୀଷ ଅଗ୍ରୱାଲ, ଅତିରିକ୍ତ ଚିକିତ୍ସାଧିକାରୀ ଅମରେନ୍ଦ୍ର ମହାନ୍ତି, ବିଡିଓ ଗୁଣନିଧି ନାୟକ, ପୌର ନିର୍ବାହୀ ଅଧିକାରୀ ନିଳକଣ୍ଠ ନାଇଡୁ ଉପସ୍ଥିତ ରହି ଭିନ୍ନକ୍ଷମମାନଙ୍କ ପାଇଁ ରହିଥିବା ବିଭିନ୍ନ ସରକାରୀ ସୁବିଧା ସୁଯୋଗ ଉପରେ ମତ ରଖି ଏହାର ସୁଯୋଗ ନେବାକୁ ପରାମର୍ଶ ଦେଇଥିଲେ। ବିଶେଷ କରି ୧୮ ବର୍ଷରୁ ଊର୍ଦ୍ଧ୍ୱ ମହିଳା ପୁରୁଷ ଭିନ୍ନକ୍ଷମମାନେ ନିର୍ବାଚନରେ ଶତ ପ୍ରତିଶତ ଭାଗ ନେଇ ନିଜର ମତଦାନ ଅଧିକାରକୁ କିପରି ସାବ୍ୟସ୍ତ କରିବେ, ସେମାନଙ୍କୁ ଘରଠାରୁ ମତଦାନ କେନ୍ଦ୍ର ପର୍ଯ୍ୟନ୍ତ ନେବାର ବ୍ୟବସ୍ଥା ସମ୍ପର୍କରେ ଜିଲାପାଳ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ୧୮ ବର୍ଷରୁ ଊର୍ଦ୍ଧ୍ୱ ୮୩ ଜଣ ଭିନ୍ନକ୍ଷମ ମହିଳା ପୁରୁଷ ଏବଂ ବିଭିନ୍ନ ବ୍ଲକରୁ ଆସିଥିବା ୧୪୦ ଜଣ ଶିଶୁ ଅଂଶଗ୍ରହଣ କରିଥିଲେ । ଏମାନଙ୍କ ମଧ୍ୟରେ ଗୀତ, ନାଚ, ଚିତ୍ରାଙ୍କନ, ମ୍ୟୁଜିକ ଚେୟାର,

**ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ**

ହାଣ୍ଡିଭଙ୍ଗା ପ୍ରତିଯୋଗିତା ହୋଇଥିଲା। କୃତୀ ଭିନ୍ନକ୍ଷମଙ୍କୁ ଅପରାହ୍ନରେ ମାଲକାନଗିରି ବିଧାୟକ ମାନସ ମାଡକାମି ପୁରସ୍କୃତ କରିଥିଲେ । ଏହି ଅବସରରେ ଭିନ୍ନକ୍ଷମମାନେ ମତଦାନ ଅଧିକାର ସାବ୍ୟସ୍ତ ନେଇ ଶପଥପାଠ କରିଥିଲେ। କାର୍ଯ୍ୟକ୍ରମକୁ ବିଭାଗୀୟ ଅଧିକାରୀ ପଦ୍ମରଞ୍ଜନ ଦାସ ପରିଚାଳନା କରିଥିଲେ ।

କୋରୁକୋଣ୍ଡା ବ୍ଲକରେ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ସୋମବାର ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ରୂପେ ବିଡିଓ ସିଏ ଶିପକ କୁମାର ପାତ୍ର, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷା ସାମିତ୍ରୀ ପଡିଆମୀ,ଅତିରିକ୍ତ ଜିଲାପାଳ ଜଗଦିଶ କ୍ରିଷ୍ଣ, ଜିଲା ଭିନ୍ନକ୍ଷମ ସଂଘ ସଭାପତି ଜଗତ ଜୀବନ ପାତ୍ର, ସିପି ସତ୍ୟ ନାରାୟଣ ଦାସ ଉପସ୍ଥିତ ଥିଲେ।୧୫୦ ଜଣ ଭିନ୍ନକ୍ଷମ ଯୋଗ ଦେଇଥିଲେ। ସେମାନଙ୍କ ପାଇଁ ରହିଥିବା ସରକାରୀ ସୁବିଧା ସୁଯୋଗ ସମ୍ପର୍କରେ ସେମାନଙ୍କୁ ଅବଗତ କରାଯାଇଥିଲା। ଏହି ଅବସରରେ ୨୦ ଜଣଙ୍କୁ ଭତ୍ତା ୩ଶହ ଟଙ୍କାରୁ ୫ଶହ ଟଙ୍କାକୁ ବୃଦ୍ଧି କରାଯାଇଥିଲା।

କାଳିମେଳାରେ ବ୍ଲକସ୍ତରୀୟ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ବ୍ଲକ ସଭାଗୃହରେ ଅନୁଷ୍ଠିତ ଉତ୍ସବରେ ବିଡିଓ ଉମା ଶଙ୍କର ଦଳାଇ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ମାଲା ମାଢ଼ି, ସମ୍ମାନିତ ଅତିଥିଭାବେ ସହକାରୀ ଜିଲାପାଳ ପ୍ରମୋଦ କୁମାର କୁମାର ବେହେରା, ତହସିଲଦାର ସନତ କୁମାର ନାୟକି ଅସିତ ମିସ୍ତ୍ରି ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ବ୍ଲକର ୨୧ଟି ପଞ୍ଚାୟତର ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଶହେରୁ ଊର୍ଦ୍ଧ୍ୱ ଦିବ୍ୟାଙ୍ଗ ଛାତ୍ରୀଛାତ୍ର କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ଛାତ୍ରଛାତ୍ରୀଙ୍କ ମଧ୍ୟରେ ନୃତ୍ୟ, ସଙ୍ଗୀତ, ମ୍ୟୁଜିକ ଚେୟାର ପ୍ରତିଯୋଗିତା ହୋଇଥିଲା । ଉପସ୍ଥିତ ଭିନ୍ନକ୍ଷମଙ୍କୁ ଭତ୍ତା ବଣ୍ଟନ କରାଯାଇଥିଲା । ଜିପିଇଓ କାର୍ତ୍ତିକ ନାୟକ ଓ ବିଏସଏସଓ ଦେଶାକାମ ରାମ ପରିଚାଳନା କରିଥିଲେ।

ଖଇରପୁଟ ଆଶ୍ରମ ବିଦ୍ୟାଳୟରେ ସୋମବାର ବିଶ୍ୱ ଭିନ୍ନକ୍ଷମ ଦିବସ ପାଳନ କରାଯାଇଥିଲା । ଏଥିରେ ବ୍ଲକ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟରୁ ଭିନ୍ନକ୍ଷମ ଛାତ୍ରୀଛାତ୍ରମାନେ ସାମିଲ ହୋଇଥିଲେ। ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା । ପ୍ରତିଯୋଗିତାର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ର ଙ୍କୁ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମକୁ ଶିବାନୀ ମୁଦୁଲି ପରିଚାଳନା କରିଥିଲେ। ସାଗର ପ୍ରସାଦ ରାଉତ, ସଦାଶିବ ଗୌଡ଼, ଚନ୍ଦ୍ର ଖିଲ, ରଘୁନାଥ ନାୟକ, ବି. ଲକ୍ଷ୍ମଣ, ରବୀନ୍ଦ୍ର ସାହୁ, ବିଭୂତି ମଣ୍ଡଳ ପ୍ରମୁଖ ସହଯୋଗ କରିଥିଲେ।

## ଗ୍ରାମାଞ୍ଚଳରେ ଖୋଲିବ ୫୬ ପେଟ୍ରୋଲ, ଡିଜେଲ ପମ୍ପ



**ମାଲକାନଗିରି,୩।୧୨ (ଡି.ଏନ୍.ଏ.):** ମାଲକାନଗିରି ସଦର ମହକୁମାସ୍ଥିତ ଏକ ହୋଟେଲରେ ୩ଟି ତୈଳ କମ୍ପାନୀ ପକ୍ଷରୁ ଏକ ଖବରଦାତା ସମ୍ମିଳନୀରେ ମାଲକାନଗିରି ଜିଲାର ଗ୍ରାମାଞ୍ଚଳରେ ୫୬ଟି ପେଟ୍ରେଶ ଓ ଡିଜେଲ ପମ୍ପ ଖୋଲିବ। ଇଣ୍ଡିଆନ୍ ଓଏଲର ରାଜ୍ୟ ଅତିରିକ୍ତ ପରିଚାଳକ ଶୁଭମ୍ ସିଂ, ଏଚ୍‌ପିସିଏଲ୍‌ର ବିକ୍ରୟ ଅଧିକାରୀ ବ୍ରାବିନ୍ ଶାହା, ବିପିସିଏଲର ଅତିରିକ୍ତ ପରିଚାଳକ ଦୀପକ କୁମାର ରଜକ ଏହି ସୂଚନା ଦେଇଛନ୍ତି। ସେମାନେ କହିଛନ୍ତି ଯେ, ଖୁଚୁରା ବ୍ୟବସାୟୀଙ୍କ ପାଇଁ ମାଲକାନଗିରି ଜିଲାର ଆଭ୍ୟନ୍ତରୀଣ ଅଞ୍ଚଳରେ ୫୬ଟି କ୍ଷୁଦ୍ର ପେଟ୍ରୋଲ ପମ୍ପ ଖୋଲାଯିବାକୁ ବିଜ୍ଞପ୍ତି ଜାରି ହୋଇଛି। ପ୍ରତିବର୍ଷ ଡିଜେଲ ୮ ପ୍ରତିଶତ ଏବଂ ପେଟ୍ରୋଲ ୪ ପ୍ରତିଶତ ଚାହିଦା ବୃଦ୍ଧି ପାଉଥିବାରୁ ଗ୍ରାମାଞ୍ଚଳ ଚାଷୀମାନେ ଦୂର ଦୂରାନ୍ତରରେ ଥିବା ଖୁଚୁରା ପେଟ୍ରୋଲ ପମ୍ପରୁ ତୈଳ ସଂଗ୍ରହ କରି ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି। ଜିଲାର ଆଭ୍ୟନ୍ତରୀଣ ଅଞ୍ଚଳର ବ୍ୟକ୍ତିମାନେ ଏହି ଖୁଚୁରା ତୈଳ ପମ୍ପ ପାଇଁ ଆବେଦନ କରି ନିୟମ ଅନୁସାରେ ପାଇପାରିବେ। ଗ୍ରାମାଞ୍ଚଳ ଲୋକଙ୍କ ଆବଶ୍ୟକତାକୁ ପୂରଣ ଲାଗି ଖୁଚୁରା ବିକ୍ରୟ କେନ୍ଦ୍ରର ଆବଶ୍ୟକତା ରହିଥିବାରୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏହି ପ୍ରୟାସ କରିଛନ୍ତି।

## ଚିଟ୍‌ଫଣ୍ଡ ଜମାକାରୀଙ୍କ ବୈଠକ

**ପାଣ୍ଡ୍ରିପାଣି,୩।୧୨:** ବିଭିନ୍ନ ଅର୍ଥଲଗାଣ ସଂସ୍ଥା ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବା ଜମାକାରୀଙ୍କ ଏକ ବୈଠକ ମାଲକାନଗିରି ସଦର ବ୍ଲକ ଅର୍ନ୍ତଗତ ମାର୍କାପାଲି ପଞ୍ଚାୟତର ବିଚଲକୋଟା (ହାଟପଦା) ଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। କ୍ଷତିଗ୍ରସ୍ତଙ୍କ ମିଳିତ ମଞ୍ଚର ରାଜ୍ୟ ସହ ସମ୍ପାଦକ ପ୍ରଦୀପ କୁମାର ମହାରଣାଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ବୈଠକରେ ମାଥିଲି ବ୍ଲକର ସଭାପତି ଘେନୁ ଭୁମିଆଙ୍କ ସହ କଟ୍ରିଗୁଡା ଗ୍ରାମର ସନ୍ୟାସୀ ମାଝୀ, କଣ୍ଡିକିଗୁଡାର ଗଙ୍ଗାଧର ମାଡକାମୀ, କୋଟାମେଟ -୨ର ଭଗତ ଦୋରା ଓ ଝରାପାଲର ଜଗତ ଜୀବନ ପଡିଆମି ଉପସ୍ଥିତ ଥିଲେ। ୨୮ଟି ଚିଟଫଣ୍ଡ ସଂସ୍ଥା ଦ୍ୱାରା ଏହି ଜମାକାରୀମାନେ କ୍ଷତିଗ୍ରସ୍ତ ହୋଇଛନ୍ତି। ବୀରଲକ୍ଷ୍ମଣପୁର ପଞ୍ଚାୟତରେ ଥିବା ବିଭିନ୍ନ ଆର୍ଥିକ ସଂସ୍ଥାରେ ପୂର୍ବରୁ ଏଜେଣ୍ଟ ରୂପେ କାର୍ଯ୍ୟ କରିଥିବା ବ୍ୟକ୍ତିଙ୍କୁ ନେଇ ପଞ୍ଚାୟତ ସ୍ତରରେ ଏକ କମିଟି ଗଠନ କରାଯାଇଛି । ବିଭିନ୍ନ କର୍ମକର୍ତ୍ତା ରୂପେ ନାନା ରାଓ ସଭା, ରାମ ହନ୍ତାଳ, ଜଗନ୍ନାଥ ପୁଜାରୀ, କମଲୁ ଆଡାରି, ଦେବ ହନ୍ତାଳ ଓ ହରି ଖେମୁଡୁ ମନୋନୀତ ହୋଇଛନ୍ତି । ଜମାକାରୀ ଟଙ୍କା ଫେରି ପାଇବା ନେଇ ଆଲୋଚନା ହୋଇଥିଲା। ଏ ସମ୍ପର୍କରେ ତଦନ୍ତ କମିଶନଙ୍କୁ ଅବଗତ କରାଇବା ପାଇଁ ନିଷ୍ପତ୍ତି ହୋଇଥିଲା।

■ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

## ଛାତ୍ରୀଛାତ୍ରଙ୍କ ଶିକ୍ଷା, ନୈତିକତା ବିକାଶ ଉପରେ ଗୁରୁତ୍ୱ



କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

**ବାଲିମେଳା, ୩।୧୨ (ଡି.ଏନ୍.ଏ.)**

ମାଲକାନଗିରି ଜିଲା କୋରକୋଣ୍ଡା ବ୍ଲକ ଅଧୀନ ଚିତାପାରୀ ପଞ୍ଚାୟତର ପୁରୁଣା ଚିତାପାରୀ ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟର ୯ମ ବାର୍ଷିକ ଉତ୍ସବ ରବିବାର ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ କୋରକୋଣ୍ଡା ବିଡିଓ ସି.ଏ. ସିପ୍‌କୁମାର ପାତ୍ର, ସମ୍ମାନିତ ଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ପତିତପାବନ ଦାଶ, ଅତିରିକ୍ତ ଶିକ୍ଷାଧିକାରୀ ଗାୟତ୍ରୀ ଦେବୀ, ତାର୍ଲାକୋଟା ସରପଞ୍ଚ ସୋମନାଥ ବାର୍ସେ ଯୋଗ ଦେଇଥିଲେ। ଛାତ୍ରୀଛାତ୍ରମାନେ ଶିକ୍ଷା ଓ ନୈତିକତା ଶିକ୍ଷା କଲେ ଦେଶ ପାଇଁ ସୁନାମ ଆଣିପାରିବେ ବୋଲି ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। କୁନି କୁନି ଛାତ୍ରୀଛାତ୍ରମାନେ ବାର୍ଷିକ ବିବରଣୀ ପାଠ କରିଥିଲେ। କୃତୀ ଛାତୀଛାତ୍ରମାନଙ୍କ ମଧ୍ୟରେ ଶ୍ରେଷ୍ଠ ଖେଳାଳି ଲକ୍ଷ୍ମୀ ମାଝି ଓ ରାମ ବୁରୁଡି, ବିଦ୍ୟାଳୟର ଜାତୀୟ ସବୁଜବାହିନୀର ସଭ୍ୟାସଭ୍ୟ ସାବିତ୍ରୀ ଶ୍ରୀପମ୍ ଓ ରାଜେନ୍ଦ୍ର ପଡିଆମୀ, ନୃତ୍ୟରେ ପ୍ରଭାତି ଖେମୁଡୁ, ମନୀଷା ଖରା, ଜୟନ୍ତୀ ମାଝି, ବିଦ୍ୟାଳୟର ସମୟାନୁବର୍ତ୍ତୀ ଛାତ୍ରୀ ମାଲେ ପଡ଼ିଆମୀ, ଛାତ୍ର ଅଜୟ ଖିଲ ଏବଂ ଆଦର୍ଶ ଛାତ୍ରୀଛାତ୍ର ରୂପେ ନରସିଂହ ଖିଲ ଓ ରୀନା ପ୍ରଧାନ ପୁରସ୍କୃତ ହୋଇଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ନାଟକ ପରିବେଷଣ ହୋଇଥିଲା। ଏହି ବିଦ୍ୟାଳୟରେ ମୋଟ ୨୩୫ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ତାର୍ଲାକୋଟା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କରୁଣାକର ମଲିକ, ବାଲିମେଳା ଜିଏମ୍‌ଇ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାଜକିଶୋର ମହାନ୍ତି, ପୂର୍ବତନ ପ୍ରଧାନ ଶିକ୍ଷକ ରାଧାକାନ୍ତ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନଶିକ୍ଷକ ବିଜୟ କୁମାର ପାଢ଼ୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସିଆରସିସି କଲ୍ୟାଣୀ ସ୍ୱାଇଁ ସହଯୋଗ କରିଥିଲେ।

**ଧରିତ୍ରୀ ପ୍ରଭାବ**

## ମଣ୍ଡିରୁ ଧାନ ଉଠିଲା

**କୋରୁକୋଣ୍ଡା,୩।୧୨ (ଡି.ଏନ.ଏ.)**

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ସଦର ମହକୁମାରେ ଚାଷୀମାନଙ୍କ ଧାନ ମା' ମଙ୍ଗଳା ମିଲର ନ ଉଠାଇବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏନେଇ ଏକ ଖବର ସୋମବାର ଧରିତ୍ରୀରେ ପ୍ରକାଶ ପାଇଥିଲା। ଏହା ପରେ ମଣ୍ଡିରୁ ଧାନ ଉଠାଇବା ନେଇ ମିଲର ତତ୍ପରତା ପ୍ରକାଶ କରିଛନ୍ତି। ସୋମବାର ମା' ମଙ୍ଗଳା ମିଲର ମଣ୍ଡିରୁ ଧାନ ଉଠାଇଛନ୍ତି। ଖଫଂଲରେ ଚାଷୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି। ସୂଚନାଯୋଗ୍ୟ ଯେ, ଏହି ମଣ୍ଡିରୁ ଧାନ ଉଠାଇବାକୁ ମା'ସିଂହାସନୀ ଓ ମା' ମଙ୍ଗଳା ମିଲରକୁ ବଛାଯାଇଛି। ମା'ସିଂହାସନୀ ମିଲର ରବିବାର ୩୬ ଜଣ ଚାଷୀଙ୍କ ଧାନ ଉଠାଇଥିବା ବେଳେ ମାମଙ୍ଗଳା ମିଲର ଚାଷୀଙ୍କୁ ୩୦ କୁଣ୍ଟାଲରୁ ୨ କୁଇଣ୍ଟାଲ ଧାନ କାଟି ଦେବାକୁ କହିଥିଲା। ମାତ୍ର ଚାଷୀମାନେ ଏଥିରେ ରାଜି ନ ହେବାରୁ ସମ୍ପୃକ୍ତ ମିଲର ଧାନ ନ ଉଠାଇ ଗାଡି ଫେରାଇ ନେଇଥିଲା। ଏନେଇ ଚାଷୀ ମଣ୍ଡିରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ।

## ଅଙ୍ଗନୱାଡି କର୍ମୀଙ୍କୁ ଡିଜିଟାଲ ତାଲିମ

**ମାଥିଲି , ୩।୧୨ (ଡି.ଏନ.ଏ)**

ମାଥିଲି ବ୍ଲକର ଅଙ୍ଗନୱାଡି କର୍ମୀଙ୍କୁ ପ୍ରଥମ ପର୍ଯ୍ୟାୟରେ ଡିଜିଟାଲ ଆୱାରନେସ୍ ତାଲିମ ପ୍ରଦାନ କରାଯାଉଛି। ପ୍ରଧାନମନ୍ତ୍ରୀ ଗ୍ରାମୀଣ ସ୍ୱାକ୍ଷରତା ଅଭିଯାନ ଯୋଜନାରେ ଅଙ୍ଗନୱାଡି କର୍ମୀମାନେ କମ୍ପ୍ୟୁଟର ଶିକ୍ଷା ଲାଭ କରି ନିଜ କାର୍ଯ୍ୟରେ ବିନିଯୋଗ କରିବା ପାଇଁ ଏହି ତାଲିମ ପ୍ରଦାନ କରାଯାଇଛି। ଗତ ୧୪ରେ ଏହି ତାଲିମ ଶିବିର ହୋଇଥିଲା। ମାଥିଲି ସଦରରେ ଥିବା ସିଏସସି ଏକାଡେମୀ ଏହି ତାଲିମ ଚାଲିଥିଲା।


ଧରିତ୍ରୀ ଜନ୍ମଦିନ ବିଶେଷାଙ୍କ

**ହକି ଓଡ଼ିଶାରେ ବିଶ୍ୱ**

ଧରିତ୍ରୀର ୪୫ତମ ଜନ୍ମଦିନ ଅବସରରେ ପ୍ରକାଶ ପାଇଛି ଆକର୍ଷଣୀୟ ବିଶେଷାଙ୍କ 'ହକି ଓଡ଼ିଶାରେ ବିଶ୍ୱ'। ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ହେଉଛି ଚତୁର୍ଦ୍ଦଶ ପୁରୁଷ ହକି ବିଶ୍ୱକପ୍। ଏହି ପ୍ରେକ୍ଷାପଟରେ ଓଡ଼ିଶା ହକିର ଅନ୍ତୁଡ଼ିଶାଳ ସୁନ୍ଦରଗଡ଼ ତଥା ହକି ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗକୁ ନେଇ ଆଲେଖ୍ୟ ସହ ଏଥିରେ ରହିଛି ୨୦୧୯: ସିଂହାସନ ପାଇଁ ସଜବାଜ, ହାର୍ଡ଼ୱର୍କ ନୁହେଁ ସ୍ମାର୍ଟୱର୍କ, #ମି ଟୁ: ପୁରୁଷ-ଆଧିପତ୍ୟରେ ଚଡ଼କ, ପ୍ଲାଷ୍ଟିକ୍ ଆବର୍ଜନା : ପରିଚାଳନା ଓ ବିକଳ୍ପ, ଶର୍ଟ ଫିଲ୍ମ: ଅଳ୍ପ ଅବଧି, ବେଶୀ ବାର୍ତ୍ତା, ପରଦେଶରେ ଦେଶୀ ଫ୍ୟାଶନ୍। ବିଶିଷ୍ଟ ସାହିତ୍ୟିକା ଡ. ପ୍ରତିଭା ରାୟଙ୍କ ସହ ସାକ୍ଷାତ୍କାର ସମେତ ପ୍ରବୀଣ ନବୀନଙ୍କ ଗଳ୍ପ, ପ୍ରବନ୍ଧ, କବିତା ସମ୍ଭାରରେ ଏହି ସଂଖ୍ୟା ସମୃଦ୍ଧ।




ଧରିତ୍ରୀ ବିତରକଙ୍କ ପାଖରେ ଏହି ବିଶେଷାଙ୍କ ଉପଲବ୍ଧ

**ମୂଲ୍ୟ: ୮୦**

**ଯୋଗାଯୋଗ:**

**ରାୟଗଡ଼ା, ନବରଙ୍ଗପୁର, କୋରାପୁଟ, ମାଲକାନଗିରି, ଗଜପତି:**

ଶୀତେନ୍ଦ୍ର ପତଙ୍ଗ (୯୪୩୭୩୯୧୧୯୨/୯୯୩୮୫୦୫୩୩)

ଦୂରଭାଷ: ୦୬୭୪-୨୫୮୦୧୦୧/୨୫୪୯୩୦୨


## ପୋଷ୍ୟ ବିଦ୍ୟାଳୟ ଗ୍ରହଣ କଲା ରୋଟାରି କ୍ଲବ

**ମାଥିଲି, ୩।୧୨ (ଡି.ଏନ.ଏ)**

ମାଲକାନଗିରି ଜିଲା ମାଥିଲି ବ୍ଲକ ଅନ୍ତର୍ଗତ ନାୟକଗୁଡାସ୍ଥିତ ଇର୍ମାବାକା ମୂକବଧିର ବିଦ୍ୟାଳୟକୁ ସୋମବାର ବିଶ୍ୱ ଭିନ୍ନକ୍ଷମ ଦିବସ ଅବସରରେ ପୋଷ୍ୟ ବିଦ୍ୟାଳୟ ଭାବେ ମାଲକାନଗିରି ରୋଟାରି କ୍ଲବ ଗ୍ରହଣ କରିଛି । ବିଦ୍ୟାଳୟରେ ପାନୀୟ ଜଳ ଓ ପରିମଳ ବ୍ୟବସ୍ଥା ଯୋଗାଇବା ଲାଗି କ୍ଲବ ତରଫରୁ ପୌଷ୍ୟ ବିଦ୍ୟାଳୟ ଭାବେ ଗ୍ରହଣ କରାଯାଇଛି । ଏହି ଅବସରରେ ରୋଟାରି କ୍ଲବର ରାଜ୍ୟ ଡିଜି ଭବାନୀ ପ୍ରସାଦ ଚୌଧୁରୀ, ଆରଟିଏନ ଆଶୁତୋଷ ରଥ, ସଭାପତି ଜି. ଶ୍ୟାମବାବୁ ଦୋରା, ସମ୍ପାଦକ ଗୌରୀ ପଣ୍ଡା, ଜଗଦୀଶ ତ୍ରିପାଠୀ, ଦେବବ୍ରତ ସାନା, ସୁଶାନ୍ତ ସାମଲ, ଲବ ସାହୁ, ପ୍ରତାପ ସାହୁ, ମାନିକ ଚକ୍ରବର୍ତ୍ତୀ, ଜେନାମଣି ବାବୁ, କେ. ରାମୁ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ବିଶ୍ୱ ଭିନ୍ନକ୍ଷମ ଦିବସ ପରିପ୍ରେକ୍ଷୀରେ ବିଦ୍ୟାଳୟର ପିଲାମାନଙ୍କ ସୁବିଧା ଦୃଷ୍ଟିରୁ ପାନୀୟ ଜଳ ଓ ପରିମଳ ସମ୍ପର୍କିତ ସମସ୍ତ ସୁବିଧା ଯୋଗାଇ ଦେବାକୁ ରୋଟାରି କ୍ଲବ ନିଷ୍ପତ୍ତି ନେଇଛି। ମାଲକାନଗିରି ରୋଟାରି କ୍ଲବ ତରଫରୁ ନିଆଯାଇଥିବା ଏପରି ନିଷ୍ପତ୍ତିକୁ କ୍ଲବର ରାଜ୍ୟ ଡିଜି ଚୌଧୁରୀ ପ୍ରଶଂସା କରିଥିଲେ । ପରେ କ୍ଲବ ତରଫରୁ ବିଦ୍ୟାଳୟକୁ ୧୦ ହଜାର ଟଙ୍କା ଅର୍ଥ ରାଶି ମଧ୍ୟ ପ୍ରଦାନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ସଭାପତି ବାମନଚନ୍ଦ୍ର ପାଢ଼ୀଙ୍କ ସମେତ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।




ରୋଟାରୀ କ୍ଲବ ପକ୍ଷରୁ ମାଥିଲିରେ ହୋଇଥିବା ବୈଠକରେ ମଞ୍ଚାସୀନ ଅତିଥି।









Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ